ବର୍ଷ-୨୬, ସଂଖ୍ୟା-୭୩
ଭୁବନେଶ୍ୱର
୧୭, ମାର୍ଚ୍ଚ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.73
Bhubaneswar
17 March, , 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଛାଡ଼ପତ୍ର ଦେଲେ ହଂସିକା ମୋଟଓ୍ୱାନି


## ରାଜ୍ୟସଭା ନିର୍ବାଚନ

# ବିଜେପିରୁ ମନମୋହନ-ସୁଜିତ, ବିଜେଡିରୁ ସଂତୃପ୍ତ

## ବିଜେଡି ଓ କଂଗ୍ରେସର ୧୧ କ୍ରସ୍ ଭୋଟିଂ, ଜିତିଲେ ଦିଲ୍ଲୀପ, ଦଣ୍ଡେଶ୍ୱର ନିରାଶ

| | |
|---|---|
| ମନମୋହନ ସାମଲ | - ୩୫୦୦ ଭୋଟ |
| ସୁଜିତ୍ କୁମାର | - ୩୫୦୦ ଭୋଟ |
| ସନ୍ତୃପ୍ତ ମିଶ୍ର | - ୩୧୦୦ ଭୋଟ |
| ଦିଲ୍ଲୀପ ରାୟ | - ୩୪୧୮ ଭୋଟ |
| ଦଣ୍ଡେଶ୍ୱର ହୋତା | - ୨୩୦୦ ଭୋଟ |





ଭୁବନେଶ୍ୱର, ୧୬।୩(ମହାଭାରତ): ରାଜ୍ୟସଭା ନିର୍ବାଚନକୁ ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ସତ ପ୍ରମାଣିତ ହୋଇଛି। ବିଜେଡି ଓ କଂଗ୍ରେସ ମେଂଟକୁ ଶକ୍ତଝଟକା ଦେଇ ବିଜେପି ସମର୍ଥିତ ଦିଲ୍ଲୀପ ରାୟ ୩୪୧୮ ଭୋଟରେ ବିଜୟୀ ଲାଭ କରିଛନ୍ତି। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ୩୫୦୦ଲେଖାଏଁ ପ୍ରଥମ ପସନ୍ଦ ଭୋଟ୍ ପାଇଁ ଜିତିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ର ମଧ୍ୟ ୩୧୦୦ଭୋଟରେ ବିଜୟୀ ହୋଇଛନ୍ତି।

ଦୀର୍ଘ ଦଶନ୍ଧି ପରେ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକ କ୍ରସଭୋଟିଂ କରି ଦିଲ୍ଲୀପଙ୍କ ଜିତିବା ମାର୍ଗ ପ୍ରଶସ୍ତ କରି ଇତିହାସର ପୁନରାବୃତ୍ତି କରାଇଛନ୍ତି। ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ଓ ସୁଜିତଙ୍କ ସପକ୍ଷରେ ଜିତିବା ପାଇଁ ଆବଶ୍ୟକ(୨୯୪୧ ଭୋଟ)ଠୁର ଅଧିକ ଭୋଟ୍ ପକାଇ ମଧ୍ୟ ଦିଲ୍ଲୀପ ରାୟ ବିରୋଧୀଙ୍କ କ୍ରସଭୋଟିଂ ସହାୟତାରେ ଏହି ନିର୍ବାଚନ ବାଜି ଜିଣିବାରେ ସକ୍ଷମ ହୋଇଛନ୍ତି।ବିଧାନସଭା ସୂତ୍ରରୁ ଜଣାପଡିଛି ଯେ,୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ଥିବାରୁ ଆଜି ମତଦାନ ହୋଇଥିଲା। ସମସ୍ତ ୧୪୭ ବିଧାୟକ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ରାଜ୍ୟସଭା ନିର୍ବାଚନ ଗଣିତ ଅନୁସାରେ ପ୍ରତ୍ୟେକ ବିଧାୟକଙ୍କର ଭୋଟ୍ ମୂଲ୍ୟ ୧୦୦ ହୋଇଥିବାବେଳେ ଜଣେ ପ୍ରାର୍ଥୀ ଜିତିବା ନିମନ୍ତେ ପ୍ରଥମ ପସନ୍ଦର ୨୯୪୧ (୩୦ ବିଧାୟକଙ୍କ ସମର୍ଥନ) ଆବଶ୍ୟକ।

ତେବେ ପ୍ରଥମ ପସନ୍ଦର ଭୋଟ ଭାବେ ବିଜେପିର ମନମୋହନ ସାମଲଙ୍କୁ ୩୫୦୦(ଅର୍ଥାତ୍ ୩୫ଜଣ ବିଧାୟକଙ୍କ ଭୋଟ) ଓ ସୁଜିତ୍ କୁମାରଙ୍କୁ ୩୫୦୦ ମିଳିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ରଙ୍କୁ ୩୧୦୦(୩୧ଜଣ ବିଧାୟକଙ୍କ ଭୋଟ) ମିଳିଛି। ସେହିପରି ବିଜେଡି-କଂଗ୍ରେସ-ସିପିଆଇଏମ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ୨୩୦୦ ଓ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ୨୩୦୦ ମିଳିଥିଲା। ତେବେ ଦ୍ୱିତୀୟ ପସନ୍ଦର ଭୋଟ ହିଁ ଦିଲ୍ଲୀପଙ୍କୁ ବୃହତ୍ ବିଜୟ ଆଡକୁ ନେଇଯାଇଥିଲା। ଦ୍ୱିତୀୟ ପସନ୍ଦର ଭୋଟ ଭାବେ ଦିଲ୍ଲୀପଙ୍କ ସପକ୍ଷରେ ଭୋଟ୍ ୧୧୧୮ ମିଳିବା ପରେ ତାଙ୍କର ମୋଟ୍ ଭୋଟ୍ ୩୪୧୮ ହୋଇଥିଲା। ଆଉ ଡାକ୍ତର ହୋତାଙ୍କୁ ବାଜିମାତ୍ କରି ସେ ବିଜୟୀ ଲାଭ କରିଛନ୍ତି। ତେବେ ଦିଲ୍ଲୀପଙ୍କ ଜିତିବାରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ କ୍ରସଭୋଟିଂ ସହାୟକ ହୋଇଛି। ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରଥମ ପସନ୍ଦର ୭୦ଜଣ ବିଧାୟକଙ୍କ ଭୋଟ୍ ଦେଇଦେବା ପରେ ଦିଲ୍ଲୀପଙ୍କ ସପକ୍ଷରେ ମାତ୍ର ୧୨ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ୍ ରହିଥିଲା। ଆଉ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟରେ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ଭୋଟ୍ ୨୩୦୦(୨୩ବିଧାୟକଙ୍କ ଭୋଟ) ମିଳିଥିଲେ ମଧ୍ୟ ଦ୍ୱିତୀୟ ପସନ୍ଦର ଭୋଟଗୁଡିକ ଦିଲ୍ଲୀପଙ୍କ ପାଖକୁ ଚାଲିଯାଇଥିବାରୁ ସେ ସହଜରେ ୩୪୧୮ ଭୋଟ୍ ପାଇ ବିଜୟୀ ହୋଇଥିବା ଜଣାପଡିଛି।

ବିଜେଡି ଓ କଂଗ୍ରେସର ମୋଟ ୧୧ଜଣ ବିଧାୟକ କ୍ରସଭୋଟିଂ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ପ୍ରଥମ ପସନ୍ଦ ଭୋଟ ଟେକି ଦେଇଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ତାଙ୍କ ଦଳର ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦ୍ଦୋଷ କ୍ରସଭୋଟିଂ କରଛନ୍ତି। ସେମାନେ ଦଳ ଓ ଚିହ୍ନରେ ଜିତି ମଧ୍ୟ ଆଜି ଦଳ ସହ ବିଶ୍ୱାସଘାତକତା କରିଛନ୍ତି। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇବୁ ଓ ଦରକାର ପଡିଲେ ସେମାନଙ୍କ ସଭ୍ୟ ପଦ ରଦ୍ଧ ନିମନ୍ତେ ସୁପ୍ରିମକୋର୍ଟ ମଧ୍ୟ ଯିବୁ।

ସେହିପରି ବିଜେଡିର ଅଧିକୃତ ଏଜେଣ୍ଟ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ଦଳର ୮ଜଣ ବିଧାୟକ କ୍ରସଭୋଟିଂ କରିଛନ୍ତି। ଦୁଇ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କ ସମେତ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ଚକ୍ରମଣି କହଁର, ରମାକାନ୍ତ ଭୋଇ ଓ ନବକିଶୋର ମଲ୍ଲିକ କ୍ରସ ଭୋଟିଂ କରିଛନ୍ତି ।ଏହି ନେତାମାନେ ଦଳର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ମଧ୍ୟ କରିଛି । ୧୦ଜଣ ଠିକଣା ଲୋକ ରହିବା ଦରକାର, ୫୦ଜଣ ବେଇମାନ ରଖି ଲାଭ କ'ଣ ଯେଉଁମାନେ କ୍ରସଭୋଟ କରିଛନ୍ତି ସେମାନଙ୍କ ନାଁ ଦଳର ସଭାପତିଙ୍କୁ ଜଣାଇଛି, ଯାହା କାର୍ଯ୍ୟାନୁଷ୍ଠାନ ସେ ନେବେ। ଦଳ ସଭାପତି ନବୀନ ପଟ୍ଟନାୟକ ଆଗରୁ ଘୋଡା ବେପାର କଥା କହିଥିଲେ ଓ ତା ହିଁ ହେଲା। ଏବେ ଯେଉଁ ନେତାମାନେ ଦଳରେ ଅସନ୍ତୋଷ ଓ ବିଜୁ ଲିଗାସୀ କଥା କହୁଛନ୍ତି ସେମାନେ ଦଳରେ କେବେ ନଥିଲେ,କେବଳ ଆଳ ଦେଖାଉଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି।ଆଉ ଯେଉଁ ବିଜେଡି ବିଧାୟକମାନେ କ୍ରସଭୋଟିଂ କରିଛନ୍ତି ସେ ସେମାନଙ୍କୁ ବେଇମାନ କହିବା ସହ ଠାକୁର ଧଣ୍ଡା(ନିର୍ମାଲ୍ୟ) କାହିଁକି ଛୁଉଁଥିଲେ ବୋଲି ପ୍ରଶ୍ନ କରିଛନ୍ତି। ସେମାନେ ଘର ଭିତରେ ରହି ବିଶ୍ୱାସରେ ବିଷ ମିଶାଇଥିବାରୁ ସେମାନେ ବେଇମାନେ ନୁହେଁ ତ ଆଉ କ'ଣ ବୋଲି ପ୍ରତାପ ଦେବ କହିଛନ୍ତି।ଆଉ କଥା ଆଳରେ ନବୀନ ନିବାସରେ ବିଧାୟକମାନଙ୍କୁ ଦଳ ପକ୍ଷରୁ ନିର୍ମାଲ୍ୟ ଛୁଆଁଇଥିବାକୁ ମଧ୍ୟ ସେ ସ୍ୱୀକାର କରିଛନ୍ତି। ଯଦିଓ ବିଜେଡି ବିଧାୟକମାନେ ଗତ ୩ଦିନ ପୂର୍ବରୁ ଏହାକୁ ଖାରଜ କରି ଆସୁଥିଲେ।

## ସ୍ୱାଭିମାନ ନା ପ୍ରତିଶୋଧ



ଭୁବନେଶ୍ୱର୧୬।୩(ମହାଭରତ):: ରାଜ୍ୟସଭା ନିର୍ବାଚନରେ ଏଥର ରୋଚକ ଘଟଣା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷର ବ୍ୟବଧାନ ପରେ ଏକାଥରକେ ୪ଟି ଆସନ ପାଇଁ ମତଦାନ ହୋଇଥିବାରୁ ଓଡିଶାର ରାଜନେତିକ ଦଳଗୁଡିକ ବେଶ୍ ସକ୍ରିୟ ଥିଲେ। ରାଜ୍ୟସଭାରେ ନିଜର ସଦସ୍ୟ ସଂଖ୍ୟା ବାଢ଼ବା ପାଇଁ ଉଦ୍ୟମ କରିଥିଲେ। ସେଥି ପାଇଁ ସ୍ୱତନ୍ତ୍ର ରଣନୀତି ମଧ୍ୟ କରିଥିଲେ। କିନ୍ତୁ କିଛି ରାଜନେତିକ ଦଳର ବିଧାୟକମାନେ କ୍ରସ ଭୋଟିଂ କରିବାକୁ ପଡିଥିଲା। ବିଶେଷ ଭାବରେ କିଛି ବିଧାୟକମାନେ ତାଙ୍କର ବାପାଙ୍କୁ ଅତୀତରେ ଦିଆଯାଇଥିବା ଅପମାନକୁ ଭୁଲି ପାରି ନାହାନ୍ତି। ଏହି ତାଲିକାରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଂଜନ ତ୍ରିପାଠୀ, ପ୍ରଭାତ ବିଶ୍ୱାଳଙ୍କ ପୁଅ ସେଭିକ ବିଶ୍ୱାଳ, ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଓ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ ଅଛନ୍ତି।

ବିଧାନସଭା ନିର୍ବାଚନ-୨୦୨୪ ତୁଳନାରେ ରାଜ୍ୟସଭା ନିର୍ବାଚନରେ ବିଜେଡିକୁ ଅଧିକ କ୍ଷତି ହୋଇଛି। ବିଜେଡି ବିଧାୟକ ଦଳୀୟ ହ୍ୱିପକୁ ଅବମାନନା କରି କ୍ରସ୍ ଭୋଟିଂ କରିଛନ୍ତି। ପାଖାପାଖି ୮ ଜଣ ବିଜେଡି ବିଧାୟକ କ୍ରସ୍ ଭୋଟିଂ କରିଥିବା ଅନୁମାନ କରାଯାଉଥିବା ବେଳେ ବାରବାଟୀ ବିଧାୟକ ସୌଭିକ ବିଶ୍ୱାଳ ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିବା କଥା ଖୋଲାଖୋଲି କହିଛନ୍ତି। ସେହିପରି ବିଜେଡିକୁ କଂଗ୍ରେସର ସମର୍ଥନ ପାଇଁ ବିଧାୟିକା ସୋଫିଆ ଫିର୍ଦୋସ ମଧ୍ୟ କ୍ରସ ଭୋଟିଂ କରିଥିବା କଥା ପିସିସି ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ କହିଛନ୍ତି।

ଦେବୀ ତ୍ରିପାଠୀଙ୍କ ବାପା ତଥା ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ କହିଛନ୍ତି କି, ନବୀନ ବାବୁ ଆଉ ଦଳ ସମ୍ଭାଳିବାକୁ ଯୋଗ୍ୟ ନାହାନ୍ତି। ତେଣୁ ଜଣେ ଅଯୋଗ୍ୟ ନେତୃତ୍ୱଙ୍କ ଅଧିନରେ କାମ କରିବା ବଦଳରେ ଦେବୀ ଯଦି ବିଜେପିକୁ ଯାଆନ୍ତି ତେବେ ତାଙ୍କର କୌଣସି ଅସୁବିଧା ନାହିଁ। ସେପଟେ ଦିଲ୍ଲୀପଙ୍କୁ ଭୋଟ ଦେଇ ଦେବୀ ପ୍ରମାଣ କରିଦେଇଛନ୍ତି ଯେ, ବିଜେପି ଠାରୁ ସେ ଆଉ ଅଧିକ ଦୂରତାରେ ନାହାଁନ୍ତି।

ବିଜୟ ମହାପାତ୍ର କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ମତଦାନ ନେଇ ଲୋକେ କ'ଣ କହିବେ ତାହା ଅଲଗା କଥା। କିନ୍ତୁ ଘୋଡା ବେପାର ହୋଇନାହିଁ। ତିନି ମାସ ହେଲା ଯୋଜନା କରାଯାଇଥିଲା। ବିଜେଡି ପ୍ରତି ଲୋକେ ଅସନ୍ତୋଷକୁ ପ୍ରକାଶ କରିଛନ୍ତି। ନବୀନ ବାବୁଙ୍କ ପ୍ରତି ଅସନ୍ତୋଷ ବଢୁଛି। ସେ କିନ୍ତୁ ଏହା ଜାଣି ପାରୁ ନାହାନ୍ତି। ସୂଚନାଯୋଗ୍ୟ, ଅତୀତରେ ପ୍ରଭାତ ତ୍ରିପାଠୀ ଓ ବିଜୟ ମହାପାତ୍ରଙ୍କୁ ବିଜୁ ଜନତା ଦଳ (ବିଜେଡି) ନିଲମ୍ବନ କରିଥିଲା। ପ୍ରଭାତ ବିଶ୍ୱାଳଙ୍କୁ ବିଜେଡି ବହିଷ୍କାର କରିଥିଲା ବେଳେ ମହମ୍ମଦ ମୋକିମଙ୍କୁ କଂଗ୍ରେସ ନିଲମ୍ବନ କରିଛି।

# କଟକ ଏସସିବିରେ ଅଗ୍ନିକାଣ୍ଡ, ୧୦ ରୋଗୀଙ୍କ ମୃତ୍ୟୁ



କଟକ,୧୬।୩(ମହାଭରତ): ଶ୍ରୀରାମ ଚନ୍ଦ୍ର ଭଂଜ (ଏସସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆଜି ଭୋରରୁ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ହୃଦବିଦାରକ ଘଟଣା ମେଡିକାଲର ଏକ ଓ୍ୱାର୍ଡରେ ଘଟିଥିବା ବେଳେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ଅନ୍ୟ ୫ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ଅଛି। ଏହି ଅଭାବନୀ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ପୁଲିସ କମିସନର।

ଅଗ୍ନିକାଣ୍ଡ ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଏସ୍ସିବି ମେଡିକାଲର ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିଛନ୍ତି। ସେ ବରିଷ୍ଠ ପଦାଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥାନାନ୍ତର ସମରେ ୧୦ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାତା ଘୋଷଣା କରିଛନ୍ତି। ମୃତକଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି। ଅଗ୍ନିକାଣ୍ଡ ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀ ତଦନ୍ତ ନିର୍ଦ୍ଦେଶ

### ■ମୃତକଙ୍କ ପରିବାର ପିଛା ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା

### ■ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କଲେ ମୁଖ୍ୟମନ୍ତ୍ରୀ

ଦେଇଛନ୍ତି ।ସୂଚନା ଅନୁସାରେ ମଧ୍ୟରାତ୍ରୀରେ ଯେତେବେଳେ ଏସସିବିର ରୋଗୀ, ରୋଗୀ ସଂପର୍କୀମାନେ ଶୋଇ ପଡ଼ିଥିଲେ, ସେହି ସମରେ ଅଗ୍ନିକାଣ୍ଡ ହୋଇଥିଲା। ହଠାତ ଅଗ୍ନିକାଣ୍ଡ ହେବାରୁ ରୋଗୀ ଓ ରୋଗୀମାନେ ଉଠିବା ବେଳକୁ ସ୍ଥିତି ଅଣାଉ ହୋଇଥିଲା। ଅଗ୍ନିକାଣ୍ଡ ଘଟିବା ମାତ୍ରେ ହସ୍ପିଟାଲ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ପଦକ୍ଷେପ ନେଇଥିଲେ। ହସ୍ପିଟାଲର ନିଜସ୍ୱ ଅଗ୍ନିଶମ ବିଭାଗ ପ୍ରଥମେ ନିଜେଜିତ ହୋଇଥିଲେ। ବାହାରୁ ତିନୋଟି ଅଗ୍ନିଶମ ଗାଡି ମଧ୍ୟ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁକୁ ଆଉ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଧୂଆଁ ଏବଂ ନିଆଁ ଯୋଗୁଁ ଅନେକ ରୋଗୀଙ୍କ ପ୍ରବଳ କ୍ଷତି ହୋଇଥିଲା। ICUରେ ଭର୍ତ୍ତି ହୋଇଥିବା ଗୁରୁତର ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଅବସ୍ଥାରେ ଥିବା ରୋଗୀମାନଙ୍କୁ ହସ୍ପିଟାଲର ନ୍ୟୁ ମେଡିସିନ୍ ଓଡଟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅଗ୍ନିକାଣ୍ଡ କେଉଁ ପରିସ୍ଥିତିରେ ଘଟିଲା ତାହାଜଣାପଡ଼ିନାହିଁ। ପ୍ରଶାସନିକ ଅବହେଳା ନାଁ ସର୍ଟସର୍କିଟ ଅଗ୍ନିକାଣ୍ଡର କାରଣ, ତାହା ତଦନ୍ତ ପରେ ଜଣାପଡ଼ିବ। ଯଦି ମେଡିକାଲ କଲେଜର ତ୍ରୁଟି ପାଇଁ ନିରୀହ ରୋଗୀମାନଙ୍କର ଜୀବନ ଯାଇଥାଏ, ତା'ହେଲେ ସଂପୃକ୍ତ ବ୍ୟକ୍ତି କାର୍ଯ୍ୟାନୁଷ୍ଠାନର ଶିକାର ହେବେ। ଅନ୍ୟପଟରେ ରାଜ୍ୟର ସର୍ବବୃହତ ମେଡିକାଲ କଲେଜରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

କଟକ,୧୬।୩(ନି.ପ୍ର.): ଏସସିବି ମେଡ଼ିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବାର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ କଟକ ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀ ଦୁର୍ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଟେଲିଫୋନ ଯୋଗେ କଥା ହୋଇ ବିସ୍ତୃତ ଆଲୋଚନା କରିଛନ୍ତି । ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରି ଏବଂ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅବଗତ କରାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀ ବିଚାର ବିଭାଗୀ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ଏସସିବି ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତଙ୍କୁ ସମସ୍ତ ପ୍ରକାରର ସରକାରୀ ସହାତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ସମସ୍ତ ସମ୍ପୃକ୍ତ ବିଭାଗ ଓ ଟିମ୍ ପୂର୍ଣ୍ଣ ସମନ୍ୱୟ ସହ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି ସମ୍ବେଦନଶୀଳ ସମରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ ଉଦ୍ବେଗ ଏବଂ ଆବଶ୍ୟକୀ ସହାତାର ପ୍ରତିଶ୍ରୁତି ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ସେପଟେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ମଧ୍ୟ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେଡ଼ି ସଭାପତି ନବୀନ ପଟ୍ଟନାକ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ତିନି ମାସ ପୂର୍ବରୁ ଯୋଜନା ଥିଲା : ବିଜୟ



ଭୁବନେଶ୍ୱର, ୧୬।୩(ମହାଭାରତ): ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଜି ଓଡିଶାର ୪ଟି ଆସନ ପାଇଁ ମତଦାନ ହୋଇଛି। ଏହି ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ 'ବିଜୁ ଜନତା ଦଳ' ଏବଂ ଅନ୍ୟ ବିରୋଧୀ ଦଳ କଂଗ୍ରେସ ଘୋଡା ବେପାର ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି। କିନ୍ତୁ ବିଜେଡି ଏବଂ କଂଗ୍ରେସର ଏହି ଅଭିଯୋଗକୁ ବରିଷ୍ଠ ନେତା ବିଜୟ ମହାପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ଆଦେ ଘୋଡା ବେପାର ହୋଇ ନାହିଁ; ବରଂ ତିନି ମାସ ପୂର୍ବରୁ ଏହା ଯୋଜନା ଥିଲା।

ବିଜୟ ମହାପାତ୍ର କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ମତଦାନ ନେଇ ଲୋକେ କ'ଣ କହିବେ ଅଲଗା କଥା। କିନ୍ତୁ ଘୋଡା ବେପାର ହୋଇନାହିଁ। ତିନି ମାସ ହେଲା ଯୋଜନା କରାଯାଇଥିଲା। ବିଜେଡି ପ୍ରତି ଲୋକେ ଅସନ୍ତୋଷକୁ ପ୍ରକାଶ କରିଛନ୍ତି। ନବୀନ ବାବୁଙ୍କ ପ୍ରତି ଅସନ୍ତୋଷ ବଢୁଛି। ସେ କିନ୍ତୁ ଏହା ଜାଣି ପାରୁ ନାହାନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ମତଦାନ ଜାରି ଥିବା ବେଳେ ଦିଲୀପ ରାୟ ଆଜି ଅପରାହ୍ଣରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଘରକୁ ଯାଇଥିଲେ। ଉଭୟ ନେତା ମିଠା ଆଦାନପ୍ରଦାନ କରିଥିଲେ। ବିଜୟ ମହାପାତ୍ରଙ୍କୁ ଭେଟିଲା ପରେ ଦିଲୀପ ରାୟ ଅପରାହ୍ଣରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଗସ୍ତ କରିଛନ୍ତି। ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ଦିଲୀପ ରାୟଙ୍କ ବିଜୟ ହେବ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟରେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଥିବା ନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ଗଣମାଧ୍ୟମ ଆଗରେ ନବୀନ କହିଛନ୍ତି, ବିଜେପି ଘୋଡା ବେପାର କରିଛି। ରାଜ୍ୟସଭା ନିର୍ବାଚନରେ ବିଜେପି ଅସାଧୁ ଉପାୟ ଅବଲମ୍ବନ କରିଛି। ସୁନ୍ଦର ଓଡିଶା ସମସ୍ୟା ଦେଇ ଗତି କରୁଛି। ଯେଉଁମାନଙ୍କର ଅପରାଧିକ ରେକର୍ଡ ରହିଛି, ସେମାନେ ବିଜେପିରେ ଅଛନ୍ତି।

## ସକାଳୁ ସକାଳୁ ଚାପିଦେଲା କାର, ୩ ମୃତ

ପିପିଲି, ୧୬।୩(ମହାଭାରତ): ସକାଳୁ ସକାଳୁ ଜାତୀ ରାଜପଥ କଡ଼ରେ ମର୍ଣ୍ଣିଙ୍ଗ ଓ୍ୱାକ ହେଲା କାଳ। କିଏ ଜାଣିଥିଲା ପଛ ପଟୁ ଆସି ପିଟିବ ଦ୍ରୁତଗାମୀ କାର୍। ଉତ୍ତରା ନିକଟ କେଇସି କଲେଜ ସାମ୍ନାରେ ଏକ ମର୍ମନ୍ତୁଦ କାର ଦୁର୍ଘଟଣା ଘଟିଛି। ଏହି ଅଘଟଣରେ ୩ ଜଣଙ୍କର ଗଲା ଜୀବନ ଆଉ ଜଣେ ଜୀବନ ମରଣ ସହ କରୁଛନ୍ତି ସଂଘର୍ଷ। ସକାଳ ୫ଟାରେ ଉତ୍ତରା ଅଞ୍ଚଳର ଦୁଇ ଜଣ ମହିଳା ସବୁ ଦିନ ପରି ମର୍ଣ୍ଣିଙ୍ଗ ଓ୍ୱାର୍କ ପାଇଁ ରାସ୍ତାରେ ଚାଲୁଥିବା ବେଳେ ଭୁବନେଶ୍ୱର ପଟୁ ଦ୍ରୁତ ଗତିରେ ଆସୁଥିବା କଳା କାର୍ ଭାରସାମ୍ୟ ହରାଇ ଉଭଙ୍କୁ ପିଟିଥିଲା। କାର ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିବା ବେଳେ କାର ଭିତରେ ଥିବା ଦୁଇ ଜଣଙ୍କ ଭିତରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ମହିଳାଙ୍କର ହୋଇଛି ମୃତ୍ୟୁ। ପିପିଲି ପୁଲିସ ଓ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ କରୁଛନ୍ତି। ଦୁର୍ଘଟଣାଗସ୍ତ କାରକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଦୁଇଟି ଆମ୍ବୁଲାନ୍ସ ପହଞ୍ଚି ସମସ୍ତଙ୍କୁ ଭୁବନେଶ୍ୱର ମେଡିକାଲ ନେଇଥିବା ବେଳେ ଘଟଣା ସ୍ଥଳରେ ଲୋକମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା।

### ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟଓ୍ୱାଡ଼ା ହାଇସ୍ପିଡ୍ କରିଡ଼ର ନେଇ ଉଚ୍ଚସ୍ତରୀୟ ବୈଠକ

## ଓଡ଼ିଶା ଦେଇ ନିର୍ମାଣ ହେବ ୫୨୨ କି.ମି. ହାଇସ୍ପିଡ୍ କରିଡ଼ର

ଭୁବନେଶ୍ୱର, ୧୬।୩(ମହାଭାରତ):ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟଓ୍ୱାଡ଼ା ଏକ୍ସପ୍ରେସ୍ ୱେ ତଥା ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ନିର୍ମାଣ ହେବାକୁ ଥିବା ୬ ଲେନ୍ ବିଶିଷ୍ଟ ଏହି ନୂତନ ଗ୍ରିନ୍ ଫିଲଡ ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ପ୍ରସ୍ତାବିତ ନକ୍ସା, ଜିଲ୍ଲା, ଅର୍ଥନୈତିକ ଅଂଚଳ ଏବଂ ସହର ସଂଯୋଗୀକରଣ ଓ ଜମି ଅଧିଗ୍ରହଣ ଆଦି ବିଷୟରେ ଆଲୋଚନା ହୋଇଥିଲା । ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ମୋଟ ୫୨୨ କିଲୋମିଟର ଦୀର୍ଘ ଏହି ନୂଆ ଗ୍ରିନ୍ ଫିଲଡ କରିଡ଼ର ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟ ଆଦି ୯ଟି ଜିଲ୍ଲାର ୨୭ଟି ସହରକୁ ସଂଯୋଗ କରିବ । ଏଥି ସହିତ ଏହି କରିଡ଼ର ରାଜ୍ୟର ଖଣିଜ ତଥା ଅର୍ଥନୈତିକ ଅଞ୍ଚଳକୁ ଯୋଗାଯୋଗ ସୁଦୃଢ଼ କରିବା ସହିତ ରାଜ୍ୟର ବିକାଶକୁ ଏକ ନୂଆ ଦିଗ ପ୍ରଦାନ କରିବ । ପଶ୍ଚିମବଙ୍ଗ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଦେଇ ଯାଉଥିବା ୧୧୦୨ କିଲୋମିଟର ରାସ୍ତାରୁ ଓଡ଼ିଶାରେ ହେବାକୁ ଥିବା ୫୨୨ କିମି ରାସ୍ତା ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ ହେବ ।

ଏଥିରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୯୭ କିଲୋମିଟର ରାସ୍ତା ନିର୍ମିତ ହେବାକୁ ଥିବାବେଳେ ଢେଙ୍କାନାଳରେ ୮୮ କିମି, ମୟୂରଭଞ୍ଜ ଓ କେଉଁଝରରେ ୮୬ କିମି ଏବଂ ରାୟଗଡ଼ା ଜିଲ୍ଲାରେ ୫୩ କିମି ରାସ୍ତା ନିର୍ମିତ ହେବ ବୋଲି ବୈଠକର ଆଲୋଚନା ହୋଇଥିଲା । ଏହି ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍ ତଥା ରୋଡ୍ସ-୨) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍ସ-୧) ଇଂ ଧ୍ୟାନଚାନ୍ଦ ନାୟକ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ଆଂଚଳିକ ଅଧିକାରୀ ଶ୍ରୀ ସୁନୀଲ କୁମାର, ମୁଖ୍ୟ ଯନ୍ତ୍ରୀ (ରୋଡ୍ସ) ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ନାରାୟଣ ପଟେଲଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଜୀବନଚର୍ଯ୍ୟା





## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କଡ଼େଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କଡ଼େଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

## ଖବର

# ବଦଳିଲା ବ୍ୟାଟେଲ ଅଫ୍ ଗଲୱାନ ଫିଲ୍ମର ନାମ,





ବଲିଉଡର ଭାଇଜାନ ସଲମାନ ଖାନଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ବ୍ୟାଟେଲ ଅଫ୍ ଗଲୱାନ'ର ନାମ ପରିବର୍ତ୍ତନ ହୋଇଛି । ସଲମାନଙ୍କ ଫିଲ୍ମ ଏବେ ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍' ନାମ ରଖାଯାଇଛି । ମେକର୍ସ ଅଫିସିଆଲ ଫିଲ୍ମର ନୂଆ ନାମ ଘୋଷଣା କରିଛନ୍ତି ।ଫିଲ୍ମରେ ସଲମାନ ଖାନଙ୍କର ବହୁତ ଦମଦାର ନୂଆ ପୋଷ୍ଟର ରିଲିଜ କରି ଫିଲ୍ମର ନାଁ ଘୋଷଣା କରାଯାଇଛି । ଏହି ନୂଆ ଟାଇଟଲରେ ସବୁଠାରୁ ଖାସ୍ କଥା ଏହାର ଟାଗ୍ ଲାଇନ ରହିଛି । ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍' (ଯୁଦ୍ଧକୁ ଶାନ୍ତି ମିଳୁ) । ଏହାସହିତ ସଲମାନ ବଡ଼ କଥା କହିଛନ୍ତି, ଯାହା କେବଳ ଝଗଡା କଥା ନ କରି, ସମଗ୍ର ଦୁନିଆରେ ଶାନ୍ତିର ଆଶାକୁ ଉଜ୍ଜିବୀତ କରିଛି । ତେବେ ଫିଲ୍ମର ନାମ ଚୀନର ପ୍ରତିକ୍ରିୟାରେ ଅନେକ ଦିନରେ ଚାଲୁଥିବା ବିବାଦକୁ ନେଇ ପରିବର୍ତ୍ତନ କରାଯାଇଛି । ସଲମାନଙ୍କ ଏହି ଫିଲ୍ମ ଗଲୱାନା ଘାଟିର ଐତହାସିକ ଘଟଣା ଉପର ଆଧାରିତ । ସୋସିଆଲ ମିଡିଆରେ ଏହାର ଘୋଷଣା ପରେ ଚର୍ଚ୍ଚା ଜୋର୍ ଧରିଛି।

## ମା' ଭଗବତୀ



ଚିଲିକାରେ ନୌକା ବିହାର କଲେ ମା' ଭଗବତୀ, ଦୁର୍ଗାପୂଜା ପାଇଁ ନିମନ୍ତ୍ରଣ କରି ଆଣିଲେ ମା' କାଳିଜାଈଙ୍କ ଆଜ୍ଞାମାଳ ଚିଲିକାରେ ନୌକା ବିହାର କଲେ ମା' ଭଗବତୀ । ବର୍ତ୍ତମାନ ଧରାପୃଷ୍ଠକୁ ଆସିଯାଇଛି ଶରତ ଋତୁ । ଓଡିଶାର ବିଭିନ୍ନ ଶକ୍ତି ପୀଠମାନଙ୍କରେ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ । ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠ ଅନ୍ୟତମ । ସେବାୟତମାନଙ୍କ ଗହଣରେ ମା' ଭଗବତୀଙ୍କ କାଠି ଠାକୁରାଣୀ ମନ୍ଦିରରୁ ବାହାରି ବାଲୁଗାଁଠାରେ ପହଞ୍ଚିଥିଲେ । ଏହାପରେ ପାଟଣାସାହି, ଗୁଣ୍ଡୁରୁପୁର ଓ ସାନ୍ତରାପୁର ପରିକ୍ରମା କରି ଚିଲିକା ହ୍ରଦ ମଧ୍ୟରେ ଅବସ୍ଥିତ ପୂର୍ବ ଦିଗରେ ଥିବା ସାନ ଭଉଣୀ ମା' କାଳିଜାଈଙ୍କୁ ପବିତ୍ର ଶାରଦୀୟ ପାର୍ବଣ ଲାଗି ନିମନ୍ତ୍ରଣ କରିବା ପାଇଁ ନୌକା ବିହାର କରିଛନ୍ତି । ନୌକା ବିହାର କରି ମା' କାଳିଜାଈଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଶାରଦୀୟ ଦୁର୍ଗାପୂଜା ପାଇଁ ନିମନ୍ତ୍ରଣ କରି ଚିଲିକା ହ୍ରଦ ମଧ୍ୟରୁ ମା' କାଳିଜାଈଙ୍କର ଆଜ୍ଞାମାଳ ନେଇ ଫେରିଥିଲେ ମା' ଭଗବତୀ । ଏହାପରେ ବିଳମ୍ବିତ ରାତ୍ରିରେ ବାଲୁଗାଁ ସ୍ଥିତ ସାନ୍ତରାପୁର ସାହିର ପାରମ୍ପରିକ ସାମନ୍ତରା ଦ୍ୱାରରେ ମା' ଭଗବତୀଙ୍କ କାଠି ଠାକୁରାଣୀ ପ୍ରଥମେ ପରମ୍ପରା ଅନୁଯାୟୀ ଶଙ୍କୁଡ଼ି ଭୋଗ ଖାଇଥିଲେ । ପରେ ଗୁଣ୍ଡୁରୁପୁର ସାହି, ପାଟଣା ସାହିରେ ଭୋଗ ଖାଇ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଉତ୍ସବକୁ ପାଣିତୋଳା ଉତ୍ସବ ବୋଲି କୁହାଯାଏ । ଉତ୍କଳର ପ୍ରାଚୀନ ଶକ୍ତିପୀଠମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବାଣପୁରର ମାଆ ଭଗବତୀଙ୍କ ପୀଠ ଅନ୍ୟତମ । ଇତିହାସ ଅନୁସାରେ ଶାଳିଆ ନଦୀ କୂଳ ଘଞ୍ଚ ବେତ ଜଙ୍ଗଲରେ ମାଆ ଆବିର୍ଭୂତ । କାଠି ଭଗବତୀ ମାଆଙ୍କର ଅନ୍ୟ ଏକ ପ୍ରତିମା । ଯେଉଁଥିପାଇଁ ମା'ଙ୍କର ଖୁବ ମାନ୍ୟତା ରହିଛି । ଅନ୍ୟପଟେ ମା' ଭଗବତୀଙ୍କ ଏହି ନୌକାବିହାର ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ଶ୍ରୀଗଣେଶ ଓ ବ୍ୟାସଦେବ

ବ୍ୟାସଦେବ ଗଣେଶଙ୍କୁ କହିଲେ,'ହେ ବିନାୟକ ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି। ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ସୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ। ସେଥିପାଇଁ ମୁଁ ବଡ଼ ଚିନ୍ତିତ। ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ। ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ। ମୁଁ ଶ୍ଳୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ। ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି। ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା। ତାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ। କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁଥିଲେ। ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖିଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ। ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ। ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି। କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି। ଆପଣ ଲେଖିବା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ। ଏହାପରେ ମହାଭାରତ ଲେଖା ଚାଲିଲା। ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ। କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଳୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ। ଏହି ସମୟରେ ବ୍ୟାସ ପର ଶ୍ଳୋକଗୁଡ଼ିକୁ ଚିନ୍ତା କରିନିଅନ୍ତି। ଏଣୁ ମହାଭାରତରେ ଏଭଳି କେତେକ ଶ୍ଳୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ। ଏହି ଶ୍ଳୋକ ଗୁଡ଼ିକୁ ଗ୍ରନ୍ଥଗ୍ରନ୍ଥି କୁହାଯାଇ ଥାଏ। ଅର୍ଥାତ୍ ଏସବୁ ଗ୍ରନ୍ଥର ଗଣ୍ଠି। ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୁକଙ୍କୁ ଏହା ଜଣାଇଲେ। ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ। ମନୁଷ୍ୟମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ



ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରିକ୍ଷୀତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି । ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରିଥିଲେ। ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୁତ ବା ସୌତି ବୋଲି କୁହାଯାଉ ଥିଲା। ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ। ଏଣୁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ।


# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ୍ୟ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

# ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ଏନପିଏସଟିଓ ଏନଏମଏମ୍ ଜାତୀୟ ସମ୍ମିଳନୀ ଉଦଘାଟିତ

**ଭୁବନେଶ୍ୱର, ୧୬।୩ (ମହାଭାରତ):** ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାସନାଲ୍ ପ୍ରୋଫେସନାଲ୍ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ (ଏନପିଏସଟି) ଓ ନ୍ୟାସନାଲ୍ ମିଶନ୍ ଫର୍ ମେଂଟରିଙ୍ଗ (ଏନଏମଏମ୍) ର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀମାନଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ ର ଉଦଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେବା ସହିତ ବିଦ୍ୟାଳୟ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏସ୍.ସି.ଇ.ଆର୍‌ଟି.)ର ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା



ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧ୍ୟକ୍ଷ, ରାଜ୍ୟ ନୋଡାଲ୍ ଅଧିକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇ ଓ ରାଜ୍ୟ ବୋର୍ଡ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କ ଉପସ୍ଥିତି ଭାରତର ଶିକ୍ଷା ପରିବେଶର ବିବିଧତା ଓ ସମନ୍ୱୟକୁ ପ୍ରକାଶ କରିଛି ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି । ଭାରତର ପ୍ରାଚୀନ ଗୁରୁ–ଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ୱକୁ ପ୍ରତିପାଦନ କରେ ଓ ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତ୍ତିତ ହେବା ଆବଶ୍ୟକ। ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ସଂଯୋଗ ଓ ବିଶ୍ୱ ସଂଯୋଜନ ନୂତନ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ବରଂ ନବସୃଜନ, ଉଦ୍ୟମିତା ଓ ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅଧୀନରେ ଜାତୀୟ ଶିକ୍ଷା ନୀତି–୨୦୨୦ ଭାରତର ଶିକ୍ଷା ପ୍ରଣାଳୀକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁରୂପ ଗଢ଼ିବା ପାଇଁ ଏକ ଦୂରଦର୍ଶୀ ରୋଡମ୍ୟାପ୍ ପ୍ରଦାନ କରିଛି। ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ; ଶିକ୍ଷକମାନେ ସଶକ୍ତ ହେଲେ ହି ପ୍ରକୃତ ପରିବର୍ତ୍ତନ ସମ୍ଭବ ବୋଲି ରାଜ୍ୟପାଳ କହିଥିଲେ। ଏହି ଦୃଷ୍ଟିକୋଣକୁ ବାସ୍ତବ ପଦକ୍ଷେପ ମାଧ୍ୟମରେ ରୂପାନ୍ତରିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଯଦିଓ ଜାତୀୟ ଶିକ୍ଷା ନୀତି–୨୦୨୦ କାର୍ଯ୍ୟକାରୀ ହେବାର ପାଂଚ ବର୍ଷରୁ ଅଧିକ ସମୟ ଅତିକ୍ରମ କରିଛି, ତଥାପି ଏହା ମନେ ରଖିବା ଉଚିତ୍ ଯେ ଶିକ୍ଷା ସଂସ୍କାର କେବଳ ନୀତି ଦସ୍ତାବିଜ୍ ମାଧ୍ୟମରେ ହାସଲ ହୋଇନଥାଏ। ପ୍ରକୃତ ପରିବର୍ତ୍ତନ କେବଳ ଶିକ୍ଷକମାନଙ୍କୁ ଆବଶ୍ୟକୀୟ ଦକ୍ଷତା, ମାନଦଣ୍ଡ ଏବଂ ବୃତିଗତ ସହାୟତା ପ୍ରଦାନ କରାଯିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏହିପରି ସମ୍ମିଳନୀ ଏହି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନୀତିକୁ ବ୍ୟବହାରିକତା ସହିତ ମିଶାଇବାର ଏକ ମଞ୍ଚ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ ।

# ରନ୍ଧନ ଗ୍ୟାସ୍‌ର ଉପଲବଧତା ନେଇ ବୈଠକ

**ଭୁବନେଶ୍ୱର, ୧୬।୩ (ମହାଭାରତ):** ଦେଶରେ ରନ୍ଧନ ଗ୍ୟାସ୍ (ଏଲ ପି ଜି) ର ଉପଲବ୍ଧତା ଓ ସୁରୁଖୁରୁରେ ବିତରଣ ନିମନ୍ତେ ଆଜି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ , ଉପଭୋକ୍ତା ବ୍ୟାପାର ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟର ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ମାନଙ୍କ ମଧ୍ୟରେ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୂର୍ତ୍ତ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଭାସୀ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଂଜୟ କୁମାର ସିଂ ଓ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ। ଏହି ବୈଠକରେ ଦେଶରେ ରନ୍ଧନ ଗ୍ୟାସ୍ ର ସଠିକ୍ ବିତରଣ ଓ ସ୍ୱଚ୍ଛତାର ସହ କରିବାକୁ ଗୁରୁତ୍ୱ ଦିଆଯାଇଛି।

କଳାବଜାରୀ ରୋକିବାକୁ ଓ ଟି ପି ମାଧ୍ୟମରେ ବୁକିଂ ଓ ଡେଲିଭରୀ ଉପରେ ଗୁରୁତ୍ୱ ଦିଆଯିବାକୁ କଡ଼ାକଡ଼ି ନିର୍ଦ୍ଦେଶ ରହିଛି । ଆପାତକାଳୀନ ପରିସ୍ଥିତିରେ କମର୍ସିଆଲ ଗ୍ୟାସ ପୂର୍ବରୁ ଯେତିକି ବ୍ୟବହାର କରୁଥିଲେ ତାର ୨୦% ବର୍ତ୍ତମାନ ପ୍ରଦାନ କରାଯିବ । ଅତ୍ୟଧିକ ବୁକିଂ ଯୋଗୁ ସର୍ଭର ଗତି ଧୀର ହେଇଯାଇଛି ଏଥିରେ ବାଧା ନ ହେବା ନିମନ୍ତେ ସର୍ଭର ସ୍ପିଡ୍ ବଢେଇବା କାର୍ଯ୍ୟ ଚାଲୁଅଛି। ଗ୍ରାମାଞ୍ଚଳ ରେ ଡେଲିଭରୀ ଅବଧି ୪୫ ଦିନକୁ ବୃଦ୍ଧି କରା ଯାଇଛି। ଗ୍ୟାସ୍ ବିତରଣ ପ୍ରକିୟା କୁ ନେଇ ସବୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଦୃଢ଼ ପଦକ୍ଷେପ ନିଆଯାଉଛି ।

ଏଲ ପି ଜି ଗ୍ୟାସର ଅବୈଧ ଗଚ୍ଛିତ ଓ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଏନଫୋର୍ସମେଂଟ ସ୍କ୍ୱାଡ ନିୟୋଜିତ ରହି କଳାବଜାରୀ ମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।ରନ୍ଧନଗ୍ୟାସ୍ କୁ ନେଇ ବିବ୍ରତ ନ ହେବାକୁ ଜନସାଧାରଣଙ୍କୁ ପ୍ରମୁଖ ଶାସନସଚିବ ନିବେଦନ କରିଛନ୍ତି।

# ପ୍ରସ୍ତାବିତ ଶିଳ୍ପ ପାର୍କ ସ୍ଥଳ ପରିଦର୍ଶନ କଲେ ଇଡ୍‌କୋ ଅଧ୍ୟକ୍ଷା

**ଭୁବନେଶ୍ୱର, ୧୬।୩ (ମହାଭାରତ):** ରାଜ୍ୟରେ ଶିଳ୍ପ ଭିତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତିଭୂମି ବିକାଶ ନିଗମ



(ଇଡକୋ )ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇଡ୍‌କୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ କଟକ ଜିଲ୍ଲା ଆଠଗଡ଼ ତହସିଲ ଅନ୍ତର୍ଗତ କୁସପାଙ୍ଗୀ ଏବଂ ବାଲି ଅଂଚଳ ଗସ୍ତ କରି ପ୍ରସ୍ତାବିତ ଶିଳ୍ପ ପାର୍କର ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି ।ଅଧ୍ୟକ୍ଷା ଶ୍ରୀମତୀ ପାଢ଼ୀଙ୍କ ସମେତ କଟକ ଜିଲ୍ଲାପାଳ ଏବଂ ଇଡ୍‌କୋ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଚିହ୍ନଟ ହୋଇଥିବା ଜମିର ପରିଦର୍ଶନ କରିଥିଲେ। ଏହି ସମୀକ୍ଷା କାଳରେ ମୁଖ୍ୟତଃ ନିମ୍ନଲିଖିତ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଶିଳ୍ପ ପାଇଁ ଆବଶ୍ୟକୀୟ ସରକାରୀ ଜମିର ସ୍ଥିତି , ଶିଳ୍ପ ପାର୍କ ପାଇଁ ଅତ୍ୟାବଶ୍ୟକ ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ ଏବଂ ପରିବହନ ସୁବିଧା , ପ୍ରସ୍ତାବିତ ସ୍ଥଳକୁ ରାସ୍ତାଘାଟର ସୁଗମତା ଆଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ ଯେ, ରାଜ୍ୟରେ ନିବେଶ ବୃଦ୍ଧି ଓ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥା ଗଠନ ପାଇଁ ଯୋଜନାବଦ୍ଧ ଶିଳ୍ପ ପାର୍କର ଆବଶ୍ୟକତା ରହିଛି। କୁସପାଙ୍ଗୀଠାରେ ଏହି ପାର୍କ ନିର୍ମିତ ହେଲେ ଏହା ନୂତନ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରକଳ୍ପ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ଇଡ୍‌କୋ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହି ପ୍ରସ୍ତାବିତ ପାର୍କ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ରାସାୟନିକ ପଦାର୍ଥ ପରିଚାଳନାରେ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୬।୩ (ମହାଭାରତ):** କାରଖାନାର କାର୍ଯ୍ୟପରିବେଶକୁ ଅଧିକ ସୁରକ୍ଷିତ କରିବା ସହିତ ଶ୍ରମିକମାନଙ୍କ ଜୀବନ ଓ ସ୍ୱାସ୍ଥ୍ୟର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶିଳ୍ପ ଉନ୍ନତିକୁ ସୁସ୍ଥ ଭିତିରେ ଆଗେଇ ନେବା ଉଦ୍ଦେଶ୍ୟରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅନୁମୋଦନରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ନିୟମିତ ଭାବରେ ସୁରକ୍ଷା ସଚେତନତା ଓ କୁଶଳତା ବୃଦ୍ଧିକର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହିପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଶିଳ୍ପ କାରଖାନାମାନଙ୍କରେ ଦୁର୍ଘଟଣା ପ୍ରତିରୋଧ ଓ ଶ୍ରମିକ ସୁରକ୍ଷା ସୁନିଶ୍ଚିତ କରିବାରେ ମୂଳଭୂମିକା ନିଭାଉଛି। ଏହି ପରିପ୍ରେକ୍ଷୀରେ, ଶିଳ୍ପ କାରଖାନାମାନଙ୍କରେ ବ୍ୟବହୃତ ବିଭିନ୍ନ ରାସାୟନିକ ପଦାର୍ଥ ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ କମାଇବା ଏବଂ ଇଞ୍ଜିନିୟରମାନଙ୍କୁ ଏହାର ସୁରକ୍ଷିତ ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିବା ପାଇଁ ଶୁକ୍ରବାର ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଏକଦିନିଆ "ରାସାୟନିକ ପଦାର୍ଥ ପରିଚାଳନାରେ ସୁରକ୍ଷା" ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମର ଉଦଘାଟନୀ ସତ୍ରରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସେ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଶିଳ୍ପ କାରଖାନାମାନଙ୍କରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ ବ୍ୟବହୃତ ହେଉଥିବାରୁ ସେଗୁଡ଼ିକର ସଠିକ୍ ପରିଚାଳନା ଓ ସୁରକ୍ଷା ନିୟମାବଳୀ ବିଷୟରେ ଜ୍ଞାନ ଅତ୍ୟାବଶ୍ୟକ। ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶିଳ୍ପ କାରଖାନାମାନଙ୍କରେ ଦୁର୍ଘଟଣା ପ୍ରତିରୋଧ ସହିତ ସୁରକ୍ଷିତ କାର୍ଯ୍ୟପରିବେଶ ଗଠନରେ ମୂଳ ଭୂମିକା ନିଭାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କାରଖାନା ଓ ବାଷ୍ପିତ୍ର (ସୁରକ୍ଷା) ଉପନିର୍ଦ୍ଦେଶକ ଡ଼. ମଳୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ରଖି କହିଥିଲେ ଯେ, ରାସାୟନିକ ପଦାର୍ଥ ସମ୍ବନ୍ଧୀୟ ସଚେତନତା ଓ ଆପତ୍କାଳୀନ ପରିସ୍ଥିତିରେ ସମୟୋଚିତ ପଦକ୍ଷେପ ଗ୍ରହଣ କରିବା ମାଧ୍ୟମରେ ହିଁ କାରଖାନାରେ ସୁସ୍ଥ କାର୍ଯ୍ୟପରିବେଶ ସୁନିଶ୍ଚିତ କରାଯାଇପାରିବ।

ପ୍ରଶିକ୍ଷଣର ପ୍ରାଯୁକ୍ତିକ ସତ୍ରଗୁଡିକରେ ବିଭିନ୍ନ ଶିଳ୍ପ ସଂସ୍ଥାର ଅଭିଜ୍ଞ ବିଶେଷଜ୍ଞମାନେ ଯୋଗଦେଇ ରାସାୟନିକ ପଦାର୍ଥ ଜନିତ ବିପଦ ଓ ସେମାନଙ୍କର ସୁରକ୍ଷା ପ୍ରଟୋକଲ୍ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଥମ ପ୍ରାଯୁକ୍ତିକ ସତ୍ରରେ ଆଇଓସିଏଲ୍ ପାରାଦୀପ ରିଫାଇନେରୀର ଶ୍ରୀ ଅଜୟ କୁମାର "ହାଇଡ୍ରୋକାର୍ବନ ଓ ପେଟ୍ରୋରସାୟନିକ ପଦାର୍ଥ ସମ୍ବନ୍ଧୀୟ ବିପଦ" ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ର ଶ୍ରୀ ପ୍ରାଚୀ ସୌରଭ ପଣ୍ଡା "ଏମୋନିଆ ଓ ସଲଫ୍ୟୁରିକ୍ ଆମ୍ଳ ସମ୍ବନ୍ଧୀୟ ସୁରକ୍ଷା ପ୍ରଟୋକଲ୍" ବିଷୟରେ ଉପସ୍ଥାପନା କରିଥିଲେ। ସେହିପରି ଦ୍ୱିତୀୟ ପ୍ରାଯୁକ୍ତିକ ସତ୍ରରେ ଜେ.କେ. ପେପର ଲିମିଟେଡ୍, ରାୟଗଡ଼ାର ସନ୍ୟାସୀ କୁମାର ଡାକୁଆ "କ୍ଲୋରିନ ଓ ହାଇପୋକ୍ଲୋରାଇଟ୍" ଏବଂ ସାପିଜେନ ବାଓୋଲଜିକ୍ସର ଡ଼ା. ଅଭିଷେକ ଆଚାର୍ଯ୍ୟ "ଔଷଧ ଉତ୍ପାଦ ସମ୍ବନ୍ଧୀୟ ବିପଦ ଓ ସୁରକ୍ଷା ପ୍ରୋଟୋକଲ୍" ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରିଥିଲେ।

# ନିର୍ବାଚନ ଅଧିକାରୀଙ୍କ ପ୍ରଶିକ୍ଷଣ ଉଦଯାପିତ

**ଭୁବନେଶ୍ୱର, ୧୬।୩ (ମହାଭାରତ):** ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟନ୍ୱୟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ (ଆର.ଓ.ଟି.ଆଇ) ରେ ଆୟୋଜିତ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଶେଷ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର.ଏସ. ଗୋପଲନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରଶିକ୍ଷଣରେ ଖୋର୍ଦ୍ଧା, ଗଂଜାମ,ନୟାଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ ।ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟନ୍ୱୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଏ) ନିଯୁକ୍ତି, ବିଏଲଏ ମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୋଲିଂ ବୁଥ୍ ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।ସେହିପରି, ପରିଗଣନା ( ଏନ୍ୟୁମେରେସନ)ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଓ ଆବଶ୍ୟକ ସୁବିଧାସମୂହ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଫର୍ମଗୁଡ଼ିକର ସ୍କାନିଂ, ଡାଟା ଏଂଟ୍ରି ଓ ସତ୍ୟାପନ କାମ ପାଇଁ ପ୍ରଶିକ୍ଷିତ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଭୋଟରମାନଙ୍କର ଦାବି ଓ ଆପତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ।

# ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ପାଇଁ ୧୮,୯୫୭ କୋଟିର ବଜେଟ

**ଭୁବନେଶ୍ୱର, ୧୬।୩ (ମହାଭାରତ):** ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ମୋଟ ୧୮,୯୫୭.୧୫ କୋଟି ଟଙ୍କାର ଏକ ବ୍ୟାପକ ବଜେଟ୍ ଘୋଷଣା କରିଛନ୍ତି। ଏହି ବଜେଟ୍ ମୁଖ୍ୟତଃ ମହିଳା ସଶକ୍ତିକରଣ, ଶିଶୁ କଲ୍ୟାଣ, ପୁଷ୍ଟି ଏବଂ ଜୀବିକା ବିକାଶ ଉପରେ କେନ୍ଦ୍ରିତ। ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ଚଳିତ ବର୍ଷ ଏହି ବ୍ୟୟବରାଦକୁ ବୃଦ୍ଧି କରାଯାଇ ୧୬,୧୫୨.୯୨ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ଯୋଜନା ଖର୍ଚ୍ଚ ପାଇଁ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ୨୯.୯୯ କୋଟି ଟଙ୍କା ରଖା ଯାଇଛି । ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ଯୋଜନା:କ. ସମୃଦ୍ଧ ଅଙ୍ଗନବାଡି ଯୋଜନା: ରାଜ୍ୟର ନିଜସ୍ୱ ପାଣ୍ଠିରେ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ସହ କେତେକ ସ୍ଥାନରେ 'କ୍ରେଚ୍' (ଶିଶୁ ଯତ୍ନ କେନ୍ଦ୍ର) ର ସୁବିଧା ରହିବ । ଏଥିପାଇଁ ୬୩୪.୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ଖ.ସମନ୍ୱିତ ବାତ୍ସଲ୍ୟ ସଦନ: ଶିଶୁ ସୁରକ୍ଷାକୁ ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୩ଟି ସମନ୍ୱିତ ବାତ୍ସଲ୍ୟ ସଦନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଓ କିଶୋର ନ୍ୟାୟ ବୋର୍ଡ ଏକାଠି କାର୍ଯ୍ୟ କରିବେ । ଏଥିପାଇଁ ୬୨.୨୮ କୋଟି ଟଙ୍କାର ପ୍ରସ୍ତାବ ରହିଛି ।ଗ. କଳିକା : ଓଡିଶା ରାଜ୍ୟ କ୍ରେଚ୍ ପଲିସି-୨୦୨୫: ଛଅ ମାସରୁ ଛଅ ବର୍ଷ ବୟସର ଶିଶୁମାନଙ୍କ ଯତ୍ନ ଓ କାର୍ଯ୍ୟରତ ମାଆମାନଙ୍କୁ ସୁରକ୍ଷିତ ଡେ-କେୟାର ସୁବିଧା ଯୋଗାଇବା ଏହାର ଲକ୍ଷ୍ୟ ।ଘ. ସୁଭଦ୍ରା ଶକ୍ତି ସମ୍ବାଦ ଓ ୱେଲନେସ୍ କେନ୍ଦ୍ର: ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଏକ ଆଲୋଚନା ମଞ୍ଚ 'ସୁଭଦ୍ରା ଶକ୍ତି ସମ୍ବାଦ' ଏବଂ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ 'ସୁଭଦ୍ରା ୱେଲନେସ୍ କେନ୍ଦ୍ର' ସ୍ଥାପନ କରାଯିବ ।ଙ.ଶିଶୁ ଖାଦ୍ୟ କେନ୍ଦ୍ର: ସାର୍ବଜନୀନ ସ୍ଥାନଗୁଡ଼ିକରେ ମାଆମାନଙ୍କ ପାଇଁ ଶିଶୁ ସ୍ତନ୍ୟପାନ କେନ୍ଦ୍ରମାନ ସ୍ଥାପନ କରାଯିବ ।ଚ. ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା: ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା ସନ୍ତାନଙ୍କ ପାଇଁ ଏହି ଯୋଜନା ଅଧୀନରେ ୨୦,୦୦୦ ଟଙ୍କା (ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ୩,୦୦୦) ର ସଞ୍ଚୟ କରାଯିବ ଏବଂ ସ୍ନାତକ ପରେ ସୁଧ ସହ ୧,୦୦,୦୦୧ ଟଙ୍କା ପ୍ରଦାନ କରାଯିବ । ଏହା ବ୍ୟତୀତ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା: ପ୍ରାୟ ୧୪.୭୬ ଲକ୍ଷ ଶିଶୁଙ୍କ ପୋଷାକ, ଜୋତା ଓ ସ୍ୱେଟର ବାବଦକୁ ଆର୍ଥିକ ସହାୟତା ବୃଦ୍ଧି କରାଯାଇଛି । ଏଥିପାଇଁ ୧୧୦.୫୭ କୋଟି ଟଙ୍କାର ବରାଦ ହୋଇଛି ।ସୁଭଦ୍ରା ଯୋଜନା: ୨୦୨୬-୨୭ ବର୍ଷରେ ପ୍ରାୟ ୧ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପାଇଁ ସର୍ବାଧିକ ୧୦,୧୪୫.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ମମତା-ପିଏମଏମଭିୱାଇ ପାଇଁ ୫୦୦ କୋଟି ଟଙ୍କାର ବରାଦ ହୋଇଛି ।ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୧.୮୩ କୋଟି ଟଙ୍କା ରଖାଯାଇଛି । 'ଆମେ ପଢ଼ିବା ଆମ ଭାଷାରେ':ନିମନ୍ତେ ୧୯.୨୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।'ଓଡିଶା ପୁଷ୍ଟି ମିଶନ'ନିମିତ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ସକ୍ଷମ ଅଙ୍ଗନବାଡ଼ି, ପୋଷଣ ୨.୦ ଏବଂ ମିଶନ ବାତ୍ସଲ୍ୟ ପାଇଁ ସର୍ବମୋଟ ୨୬୩୮.୩୬ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୮୦୪.୨୩ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି ।

# କୃତ୍ରିମ ଗ୍ୟାସ ସଂକଟ ସୃଷ୍ଟି କରୁଛି ସରକାର

**ଭୁବନେଶ୍ୱର, ୧୬।୩ (ମହାଭାରତ):** ଗ୍ୟାସ ଏବଂ ପେଟ୍ରୋଲ ଦ୍ରବ୍ୟକୁ ନେଇ କେନ୍ଦ୍ର ସରକାରଙ୍କ ଅଭାବି ବିକ୍ରୀ ମସୁଧା ଏବଂ ମୂଲ୍ୟବୃଦ୍ଧି କୁ ନେଇ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଥିଲେ, ବିଜେପି ସରକାର ସାଧାରଣ ଜନତାଙ୍କୁ ଏକ ସଂକଟମୁହାଁ ପରିସ୍ଥିତି ଆଡକୁ ଟାଣିନେବାକୁ ବାଧ କରୁଛନ୍ତି । ସୁଭଦ୍ରା ଏବେ ହାଣ୍ଡିଶାଳରେ କାନ୍ଦୁଛି । ମହିଳାମାନେ ଚୁଲିରେ ରୋଷେଇ କରିବା ଦ୍ୱାର ତାଙ୍କର କୁଆଡ଼େ ଆଖିକୁ କଷ୍ଟ ଦେଉଥିଲା, ସେଇ କଥାକୁ ବାହୁନି ବାହୁନି ମନକି ବାତରେ କହୁଥିଲେ ତେଣୁ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ଗ୍ୟାସ କନେକସନ୍ ନେବାକୁ କମ୍ପାନୀ ମାନଙ୍କ ପାଇଁ ମାର୍କେଟିଂ କରାଇଲେ । ଆଜି ଯେତେବେଳେ ମହିଳାଙ୍କୁ ବାଧ କରାଯାଉଛି ପୁଣି ସେଇ ଚୂଲିରେ ରୋଷେଇ କରିବାକୁ କ'ଣ କହିବେ



ମୋଦି? ଆଜି କ'ଣ ମା' ମାନଙ୍କୁ ଆଖି ଖରାପ ହେଉନି ମା' ମାନଙ୍କ ପାଇଁ ଆଜି କଷ୍ଟ ଲାଗୁନି ମୋଦିଙ୍କୁ ସାରା ଦେଶରେ ଏବେ ୧ କୋଟି ୯୦ ହଜାର ଘରୋଇ ଗ୍ୟାସ ଉପଭୋକ୍ତା ରହିଛନ୍ତି । ଏଥିମଧ୍ୟରୁ ୫୫ ଲକ୍ଷ ୪୭ ହଜାର ୩୫୭ ଜଣ ଉଜ୍ୱଳା ଗ୍ୟାସ ହିତାଧିକାରୀ ରହିଛନ୍ତି । ରାଜ୍ୟରେ ଦୈନିକ (ଘରୋଇ ଓ ବ୍ୟବସାୟିକ) ହିତାଧିକାରୀମାନେ ହାରାହାରି ୩୨ଲକ୍ଷ କେଜି ଗ୍ୟାସ ବ୍ୟବହାର କରିଥାନ୍ତି । କିନ୍ତୁ ସେପଟେ ରାଜ୍ୟରେ ଥିବା ୯୬୬ ଗ୍ୟାସ ଏଜେନ୍ସିକୁ ସୋମବାର ଠାରୁ କର୍ମସିଆଲ ଟାଙ୍କି ଯୋଗାଣ ବନ୍ଦ । ଯାହା ଫଳରେ ରାଜ୍ୟର ସମସ୍ତ ସହରରେ ଥିବା ପ୍ରାୟ ୧୦,୦୦୦ ରୁ ଉର୍ଦ୍ଧ୍ୱ ରେଷ୍ଟୁରାଂଟ ବନ୍ଦ । ସମସ୍ତ ଉଠା ଜଳଖିଆ ଦୋକାନ ବନ୍ଦ । ୨୦% ହୋଟେଲ ବନ୍ଦ । ଅନଲାଇନ ଫୁଡ ଡେଲିଭରି ଏକ ପ୍ରକାର ବନ୍ଦ । ଏହି ଇଣ୍ଡଷ୍ଟ୍ରି ସହିତ ଓ ଇଣ୍ଡଷ୍ଟ୍ରି କାମ କରୁଥିବା ପ୍ରାୟ ୧୮ରୁ ୨୦ଲକ୍ଷ ବ୍ୟକ୍ତି ସିଧାସଳଖ ରୋଜଗାର ହରେଇଛନ୍ତି । ମାସକୁ ୧୦ ରୁ ୧୨ ହଜାର ପର୍ଯ୍ୟନ୍ତ ରୋଜଗାର କରୁଥିବା ସ୍ୱିଗୀ, ଯୋମାଟୋ ଭଳି ବ୍ୟକ୍ତି ବେରୋଜଗାର ହେବାକୁ ଯାଉଛନ୍ତି । ଏହା ଦ୍ୱାରା ପ୍ରାୟ ସିଧାସଳଖ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି । ଆଗକୁ ଓଡ଼ିଶା ଭୟଙ୍କର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ସାରା ରାଜ୍ୟରେ ୱେଲଡିଂ ଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସବୁ ଠପ୍ । ଗ୍ୟାସ ନଥିବା କାରଣରୁ ସତ୍ୟନଗର ଶ୍ମଶାନରେ ଶବଦାହ କାର୍ଯ୍ୟ ବନ୍ଦ । କୋରାପୁଟରେ ବାଣିଜ୍ୟକ ଗ୍ୟାସ ସିଲିଣ୍ଡର ବିକ୍ର ବନ୍ଦ କରିବାକୁ ଏଜେନ୍ସି କରିସାରିଲେଣି । ଏତେ ସବୁ ଅବ୍ୟବସ୍ଥା ଭିତରେ ସରକାର କ'ଣ କରୁଛନ୍ତି ବର୍ତ୍ତମାନ କେତେଦିନ ପାଇଁ ଗ୍ୟାସ ମହଜୁଦ ଅଛି ତାହା ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱଷ୍ଟ କରୁ ନାହାନ୍ତି କାହିଁକି" ସାରା ଦେଶ ସମେତ ରାଜ୍ୟରେ ଗ୍ୟାସ ପାଇଁ ହାହାକାର ପଡ଼ିଥିବା ବେଳେ ସରକାର ଘରୋଇ ଗ୍ୟାସ ଫିଲିଂ ପିଛା ୬୦ ଟଙ୍କା ଓ ବ୍ୟବସାୟିକ ଫିଲିଂ ପିଛା ୧୧୫ ଟଙ୍କା ବଢ଼ାଇ ଦେଲେ ।"ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ବିଜେପି ସରକାରଙ୍କ ନାରୀ ବିରୋଧୀ ମନୋବୃତିକୁ ତୀବ୍ର ବିରୋଧ କରିବା ସହ ଗ୍ୟାସ ଅଭାବୀ ବିକ୍ରୀ ସିଧାସଳଖ ପେଟରେ ଓ ହାଣ୍ଡିରେ ଲାତ ବୋଲି ଅଭିହିତ କରିଥିଲେ ।

# ବର୍ଷକରେ ୫୦୦ ମେଟ୍ରିକ ଟନ୍ ପଣ୍ୟ କରିଛି ପୂର୍ବ ତଟ ରେଳପଥ

**ଭୁବନେଶ୍ୱର, ୧୬।୩ (ମହାଭାରତ):** ଗୋଟିଏ ବର୍ଷରେ ୫୦୦ ନିୟୁତ ଟନ୍ ମାଲ ପରିବହନ କରିବାରେ ଭାରତୀୟ ରେଳବାଇ ଇତିହାସରେ ଏକମାତ୍ର ରେଳ ଜୋନ୍ ହୋଇ ପୂର୍ବ ତଟ ରେଳପଥ ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି। ବର୍ଷକ ମଧ୍ୟରେ, ପୂର୍ବ ତଟ ରେଳପଥ ୨୬୨.୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରି ୧୦.୪% ଅଭିବୃଦ୍ଧି ହାସଲ କରିଛି, ସେହିସମୟ ମଧ୍ୟରେ ଅନଲୋଡିଂ ୨୩୭.୬ ମେଟ୍ରିକ ଟନରେ ପହଂଚିଛି, ଯାହା ପୂର୍ବ ଅବଧି ତୁଳନାରେ ୯% ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୋଡିଂ ଏବଂ ଅନଲୋଡିଂରେ ସନ୍ତୁଳିତ ଅଭିବୃଦ୍ଧି ସମଗ୍ର ଜୋନରେ ଦୃଢ଼ ଲଜିଷ୍ଟିକ୍ସ ନେଟୱାର୍କ ଏବଂ ଦକ୍ଷ ପଣ୍ୟ ପରିବହନ ପରିଚାଳନାକୁ ଦର୍ଶାଉଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଂଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପଣ୍ୟ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଂଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ। ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ପୂର୍ବତଟ ରେଳପଥ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ମାଲ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ଏବଂ ଅଂଚଳର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଏହି ଅଞ୍ଚଳ ପ୍ରତିବଦ୍ଧ। ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହି ଜୋନ୍ ପଣ୍ୟ ପରିବହନ ସେବାକୁ ଆହୁରି ମଜବୁତ କରିବା ଏବଂ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିବାକୁ ପ୍ରତିବଦ୍ଧ।

# କଳାବଜାରୀ ମାଲେମାଲ

ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାରେ ସହଯୋଗୀ ଉପସାଗରୀୟ ରାଷ୍ଟ୍ର (ଆରବ ରାଷ୍ଟ୍ରସମୂହ)ଉପରେ ଆକ୍ରମଣ କରୁଛି। ୬ଟି ଦେଶକୁ ନେଇ ଗଠିତ ଜିସିସି ବିଶ୍ୱର ସବୁଠାରୁ ତୈଳ ସମୃଦ୍ଧ ଅଞ୍ଚଳ। ଏହା ସହିତ ଜୋର୍ଡାନ ଉପରେ ମଧ୍ୟ ଇରାନ ଆକ୍ରମଣ କରିଛି। ନିଜେ ଇରାନ ମଧ୍ୟ ବିଶ୍ୱର ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏସବୁ ଦେଶ ଯୁଦ୍ଧରେ ସମ୍ପୃକ୍ତ ହେବା ଫଳରେ ତୈଳ ଦର ବଢ଼ିଛି। ଏହା ମଧ୍ୟ ସ୍ୱାଭାବିକ। ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ଠିକ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଇରାନ ପ୍ରତିଶୋଧ ପରାୟଣ ହୋଇ ହରମୁଜ ପ୍ରଣାଳୀକୁ ଅବରୋଧ କରିଛି। ଏହି ରୁଟ ଦେଇ ଚଳାଚଳ କରୁଥିବା ଜାହାଜ ଉପରେ ଇରାନ ପ୍ରଚଣ୍ଡ ଆକ୍ରମଣ କରିଛି। କହିବା ବାହୁଲ୍ୟ ଯେ, ଏହି ରୁଟ ଦେଇ ବିଶ୍ୱର ୪୦ ପ୍ରତିଶତ ତୈଳ ପରିବହନ ହୋଇଥାଏ। ରମୁର୍ଜ ପ୍ରଣାଳୀ ଅବରୋଧ ହେବା ଫଳରେ ଅଏଲ ସପ୍ଲାଇ ଚେନ ପ୍ରଭାବିତ ହୋଇଛି। ତେଣୁ ତେଲ ଏବଂ ଗ୍ୟାସର ଅଭାବ ସହିତ ଦର ବୃଦ୍ଧି ଘଟିଛି। ଭାରତରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଯଦିଓ ଭାରତରେ ପେଟ୍ରୋଲ ଏବଂ ଡିଜେଲର ଅଭାବ କିମ୍ବା ଦରବୃଦ୍ଧି ଏ ଯାବତ ହୋଇନାହିଁ, କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଉତ୍କଟ ଅଭାବ ପରିଲକ୍ଷିତ ହୋଇଛି। ସାରା ଦେଶରେ ଏଥିଲାଗି ହାହାକାର ପଡ଼ିଯାଇଛି। ବିଭିନ୍ନ ଗ୍ୟାସ ଆବଣ୍ଟନକାରୀ ସଂସ୍ଥା ବା ରିଟେଲ ଡିଲରଙ୍କ ଗୋଦାମ ଆଗରେ ଉପଭୋକ୍ତାଙ୍କ ଲମ୍ବା ଧାଡ଼ି ପରିଲକ୍ଷିତ ହୋଇଛି। ଅନେକ ଛାନିଆରେ ଆଗୁଆ ରନ୍ଧନ ଗ୍ୟାସ ମହଜୁଦ ରଖିବା ଲାଗି ଏଭଳି କରୁଛନ୍ତି। ଜଣେ ସାଧାରଣ ଲୋକଠାରୁ ଏହା ଆଶା କରିବା ସ୍ୱାଭାବିକ। ଏହି ଆଳରେ ଅନେକ ଅସାଧୁ ବ୍ୟକ୍ତି ଗ୍ୟାସର ଅଭାବକୁ ଆହୁରି ଉତ୍କଟ କରୁଛନ୍ତି ଏବଂ ଏଲପିଜି ଲୁଚାଇ ରଖି ଏହାର କଳାବଜାରୀ କରୁଛନ୍ତି। ଭାରତରେ ଯେତେବେଳେ ଏଭଳି ଅନାବଶ୍ୟକ ଆତଙ୍କ ସୃଷ୍ଟି ହୁଏ, ସେତେବେଳେ କିଛି ଅସାଧୁ ବ୍ୟକ୍ତି ଏଭଳି କଳାବଜାରୀ କରନ୍ତି। ଏଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କଳାବଜାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବାସ୍ତବ କଥା ହେଲା ଦେଶରେ ରନ୍ଧନ ଗ୍ୟାସର ଉତ୍କଟ ଅଭାବ ରହିଛି। ଯୁଦ୍ଧ ଲାଗିବାର ମାତ୍ର ସପ୍ତାହକ ଭିତରେ ହଠାତ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି କେହି କଳ୍ପନା କରିପାରିନଥିଲେ। ଭାରତରେ ଆଭ୍ୟନ୍ତରୀଣ ଚାହିଦାର ହାରାହାରି ୭୦ ପ୍ରତିଶତ ଗ୍ୟାସ ବିଦେଶରୁ ଆମଦାନୀ ହୋଇଥାଏ। ତେଣୁ ଗ୍ୟାସ ଆମଦାନୀ ପ୍ରଭାବିତ ହେବା ଫଳରେ ଏହାର ଅଭାବ ଅନୁଭବ କରାଯାଉଛି। ଗ୍ୟାସ ଅଭାବ ଯୋଗୁ ହୋଟେଲ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଛି। ଅନେକ ଛୋଟ ବଡ଼ ରେଷ୍ଟୁରାଣ୍ଟ ବନ୍ଦ ହୋଇଗଲାଣି। ରାସ୍ତା କଡ଼ ବ୍ୟବସାୟ ମଧ୍ୟ ବନ୍ଦ। ଫଳରେ ଅନେକ ଗରିବ ଲୋକ ରୋଜଗାର ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ହସ୍ପିଟାଲଠାରୁ ଆରମ୍ଭ କରି ଟ୍ରେନରେ କ୍ୟାଟରିଂ ବ୍ୟବସ୍ଥା, ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଏବଂ ଅନେକ କାରଖାନାରେ ଉତ୍ପାଦନ ମଧ୍ୟ ବନ୍ଦ ହୋଇଗଲାଣି। ଆଉ ଯାହା କିଛି ଚାଲିଛି ତାହା ପର୍ଯ୍ୟାୟକ୍ରମେ ବନ୍ଦ ହୋଇଯିବ। ଗ୍ୟାସ ଅଭାବରୁ ୫୦ ପ୍ରତିଶତ ସାର କାରଖାନା ବନ୍ଦ ହୋଇଗଲାଣି। ସରକାର କହୁଛନ୍ତି ଆତଙ୍କିତ ହେବାର କାରଣ ନାହିଁ, ଯଥେଷ୍ଟ ଗ୍ୟାସ ମହଜୁଦ ରହିଛି। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ଏବେ ଘରୋଇ ଏଲପିଜି ବୁକିଂ ସମ୍ଭବ ହେଉନି। ସରକାର ବୁକିଂ ବ୍ୟବଧାନ ଅବଧି ୨୫ ଦିନକୁ ବଢ଼ାଇ ଦେଇଛନ୍ତି। ସରକାରଙ୍କ କହିବାନୁଯାୟୀ ବିଦେଶରୁ ପ୍ରାୟ ୪୦ଟି ଦେଶରୁ ଭାରତ ତୈଳ ଏବଂ ଗ୍ୟାସ ଆମଦାନୀ କରୁଛନ୍ତି।

# ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

"ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଉଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧାପକ/ଅଧାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଯ୍ୟମାନ୍ୟର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଲୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ – ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା

# ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳିନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁ ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭

## ରାଜରାସ୍ତା ଉପରେ ଅସୁରକ୍ଷିତ ଗଛ, ଜନଜୀବନ ପ୍ରତି ବିପଦ

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ଏନଏସି ରାଜରାସ୍ତା ଉପରେ ରହିଛି ବିପଦସଂକୁଳ ପୁରାତନଗଛ ଯାହାପାଇଁ କେତେବେଳେ ଯେ ନିରୀହଜୀବନ ଚାଲିଯିବ କହିହେବନି ।ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ଦେଇ ପିଡବ୍ଲୁଡ଼ି ବିଭାଗ ଅଧୀନରେ ଯାଇଥିବା ୪୨ନଂ ରାଜପଥ ଉଭୟପାର୍ଶ୍ୱରେ ଶତାଧିକବର୍ଷର ପୁରୁଣାଗଛ ସବୁ ଏବେ ସହରବାସୀଙ୍କ ଆତଙ୍କର କାରଣ ପାଲଟିଛି ।ହିନ୍ଦୋଳ ଏନଏସି ର ୱାର୍ଡନଂ୧୨ କାନ୍ଦରକ୍ଷଶୁଣିରୁ ୱାର୍ଡନଂ-୧୩ର ଦେଇ ଏନଏସି ପ୍ରବେଶଦ୍ୱାର(ଗେଟ)ଅଞ୍ଚଳ ପର୍ଯ୍ୟନ୍ତ ଗୁଡି ?ଆକାଟେଣୀ ରାସ୍ତାଉପରେ,ହିନ୍ଦୋଳ ତହସିଲଅଫିସ ସାମ୍ନା,ୱାର୍ଡନଂ -୩ପଶୁଡାକ୍ତରଖାନା ନିକଟବର୍ତ୍ତୀଅଞ୍ଚଳ,ଅନୁଗୋଳ ପଟକୁ ରାସ୍ତାର ପଶୁଡାକ୍ତରଖାନା ଠାରୁ ଏନଏସି ଗେଟ ପର୍ଯ୍ୟନ୍ତ ଏବଂ ୱାର୍ଡନଂ-୨ର ଜେଲ ରୋଡ଼ ଉପରେ ଅନେକ ଶତାଧିକ ବର୍ଷର ପୁରୁଣା ଜରାଜୀର୍ଣ୍ଣ, ଅସୁରକ୍ଷିତ ତଥା ଭାଙ୍ଗିବା ଅବସ୍ଥାରେ ବିଭିନ୍ନପ୍ରକାର ଗଛଗୁଡିକ ସତେଯେମିତି ମୃତ୍ୟୁକୁ କୋଳେଇନେବାକୁ ଅପେକ୍ଷା କରିରହିଛି । ସବୁଠୁ ଦୁଃଖର କଥା ଏହି ରାସ୍ତାରେ ମନ୍ତ୍ରୀ, ଏମପି, ବିଧାୟକ, ବଡ଼ବଡ଼ ସରକାରୀ ବାବୁମାନେ ସଦାସର୍ବଦା ଯାତାୟାତ କରି ଦେଖୁ ଥିଲେହେଁ ହିନ୍ଦୋଳ ଜନସାଧାରଣଙ୍କ ଜୀବନକୁ ତୁଚ୍ଛ ଗଛ ହଟାଇବା ସମସ୍ୟାକୁ ଗୋଇଠା ମାରିଦେଉଛନ୍ତି । ତେବେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେଉଥିଲେ ବି ପିଡବ୍ଲୁଡ଼ି(ଚଡଉ) ବିଭାଗର ଦାୟିତ୍ୱହୀନତା, ପ୍ରଶାସନର ସ୍ଥାଣୁତା ଏବଂ ନିର୍ବାଚିତ ଜନପ୍ରତିନିଧି ମାନଙ୍କର ମୁହଁମୋଡିବା ନୀତିପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ସହରବାସୀ ତଥା ଏହି ରାସ୍ତାରେ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ହଜାରହଜାର ସାଧାରଣଜନତା, ସ୍କୁଲକଲେଜର କୋମଳମତି ଛାତ୍ରଛାତ୍ରୀ, ଗାଡିମୋଟର, ଗୃହପାଳି ତ ପଶୁ ପ୍ରତିଦିନ ଜୀବନକୁ ବିପର୍ଣ୍ଣ କରି ଭଗବାନଙ୍କ ଭରସାରେ ରହିଛନ୍ତି । ତେବେ ଏଥିପାଇଁ ହିନ୍ଦୋଳବାସିଙ୍କ ଅସନ୍ତୁଷ୍ଟ ବଢ଼ିବାରେ ଲାଗିଥିବାବେଳେ ତୀବ୍ରନିନ୍ଦା କରି କହିଛନ୍ତି ଏହି ବିପଦପୂର୍ଣ୍ଣ ବୃକ୍ଷଗୁଡିକ ପାଇଁ ଚାଲିଯାଉଥିବା ଜୀବନ ଏବଂ ଭବିଷ୍ୟତରେ ହେବାକୁଥିବା ଅଘଟଣପାଇଁ ସମ୍ପୃକ୍ତବିଭାଗ ଓ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ । ତେବେ ତୁରନ୍ତ ବିପଦପୂର୍ଣ୍ଣ ଭାବରେ ବୃକ୍ଷଗୁଡିକ ଚି ?ହ୍ନଟ କରାଯାଇ ଅପସାରଣ କରାଯିବାକୁ ରାଜ୍ୟସରକାର,ସ୍ଥାନୀୟ ପ୍ରଶାସନ ଓ ପିଡବ୍ଲୁଡ଼ି ବିଭାଗ ନିକଟରେ ହିନ୍ଦୋଳବାସି ଦୃଢ଼ ଦାବି କରିଛନ୍ତି ନଚେତ ଏକ ବଡ଼ ଜନଆନ୍ଦୋଳନକୁ ଏଡାଇଦେଇ ହେବନାହିଁ ବୋଲି ଚେତାବନୀ ଦେଇଛନ୍ତି ।

## ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘର କୋରାପୁଟ ଜିଲ୍ଲା କମିଟି ଘୋଷିତ

ଲକ୍ଷ୍ମୀପୁର, (ମହାଭାରତ) ଡିଜିଟାଲ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଅଧିକାର ସୁରକ୍ଷା ଓ ସଂଗଠନକୁ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଗଠିତ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ପକ୍ଷରୁ କୋରାପୁଟ ଜିଲ୍ଲା ସ୍ତରୀୟ କମିଟି ଘୋଷଣା କରାଯାଇଛି । ସୋମବାର ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଡିଜିଟାଲ ସାମ୍ବାଦିକମାନଙ୍କ ସର୍ବସମ୍ମତି କ୍ରମେ ଏହି କମିଟି ଗଠନ କରାଯାଇଥିବା ସୂଚନା ମିଳିଛି । ନୂତନ କମିଟିରେ ପ୍ରଶାନ୍ତ ଖୋସ୍ଲା ସଭାପତି ଭାବେ ଚୟନ ହୋଇଥିବା ବେଳେ ବାବୁଲା ଖିଲ ଉପସଭାପତି, ଯାଦବ ବାଘ ସମ୍ପାଦକ ଓ ରାଜେଶ କୁମାର ଲୁହା ସହ-ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାସହ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦିଲିପ କୁମାର ଦାସ ଓ ଦୁଶାସନ ହୁଇକା ଚୟନ ହୋଇଥିବା ବେଳେ ମଦନ ମୋହନ ସାହୁ ରାଜ୍ୟ ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ସମୟରେ ଡିଜିଟାଲ ମିଡ଼ିଆ ଗଣମାଧ୍ୟମ ଖବର ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ସତ୍ତ୍ୱେ ଡିଜିଟାଲ ସାମ୍ବାଦିକମାନେ ଅନେକ ସମୟରେ ସରକାରୀ ସ୍ୱୀକୃତି, ସୁରକ୍ଷା ଓ ଆବଶ୍ୟକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ପରିପ୍ରେକ୍ଷିତରେ ସାମ୍ବାଦିକମାନଙ୍କୁ ଏକତ୍ର କରି ତାଙ୍କର ଅଧିକାର ସ୍ଥାପନ ସହ ପଞ୍ଜୀକରଣ, ସୁରକ୍ଷା ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ମହାସଂଘ ପକ୍ଷରୁ କାର୍ଯ୍ୟ କରାଯିବ । କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଡିଜିଟାଲ ମିଡ଼ିଆ ପ୍ରତିନିଧିମାନଙ୍କୁ ଏକ ମଞ୍ଚରେ ଆଣି ସଂଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହି କମିଟି ଗଠନ କରାଯାଇଥିବା ଜଣାପଡ଼ିଛି । ଏହି ସମଗ୍ର ଚୟନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଶ୍ରୀ ଗଣପତି ଦାସ ସୁଚାରୁ ଭାବେ ପରିଚାଳନା କରିଥିଲେ । ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ କମିଟି ଗଠନ ପ୍ରକ୍ରିୟା ସମ୍ପନ୍ନ ହୋଇଥିବାରୁ ସେ ଜିଲ୍ଲାର ସମସ୍ତ ସଦସ୍ୟ ଓ ସାମ୍ବାଦିକମାନଙ୍କୁ ସାଧୁବାଦ ଜଣାଇଥିଲେ । ନୂତନ କମିଟି ଆଗାମୀ ଦିନରେ ଡିଜିଟାଲ ସାମ୍ବାଦିକମାନଙ୍କ ସ୍ୱାର୍ଥରକ୍ଷା ସହ ସମାଜର ବିଭିନ୍ନ ସମସ୍ୟା ଉଠାଇ ଧରିବାରେ ସକ୍ରିୟ ଭୂମିକା ନିଭାଇବ ବୋଲି ଆଶା ପ୍ରକାଶ କରାଯାଇଛି ।

## ଡ୍ରେନେଜ ଡିଭିଜନର ମନମାନି ଜବରଦଖଲ କରିଛନ୍ତି ଚାଷୀଙ୍କ ଜମି

ବାଲିପାଟଣା, (ମହାଭାରତ ): ବାଲିପାଟଣା ତହସିଲ ଅଧୀନରେ ଜଳ ସେଚନ ବିଭାଗ ବା ଡ୍ରେନେଜ ଡିଭିଜନ ମନମାନି ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଛି । ଗାରେଡି ପାଞ୍ଚଣ ମୌଜାରେ ଥିବା ମୂଲ୍ୟବାନ ଘର ବାଡ଼ି ପ୍ଲଟରେ କାଡା କେନାଲ ବା ଡ୍ରେନ ଖୋଲା ପରେ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ଏ ଅଫିସରୁ ସେ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇ ଚିନ୍ତା ରେ ପଡିଛନ୍ତି । ପ୍ରଶାସନୀୟ ସ୍ଥାଣୁତା ଯୋଗୁଁ ନ୍ୟାୟ ପାଇବା ରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଏହି ତହସିଲ ଅଧୀନ ବାଲିପାଟଣା ର ବୁଦ୍ଧନାଥ ତ୍ରିପାଠୀ ଙ୍କ ଜମି ଗାରେଡିପାଞ୍ଚଣ ରୁ ବାଲିପାଟଣା ରାସ୍ତାରେ ଅଛି । ଖାତା ନଂ ୫୯୧ , ପ୍ଲଟ ନଂ ୧୯୮୦ ପରିମାଣ ୬ ଡ଼ିସିମିଲ ଜମି ରହିଛି । ଏହାର କିସମ ଘର ବାଡ଼ି ରହି ଅଛି । ଉକ୍ତ ଜମି କଡ଼ ରେ କାଡ଼ା କେନାଲ ପ୍ରବାହିତ ହୋଇଛି । ବର୍ଷା ଦିନ ପାଣି ସ୍ରୋତ ରେ ଉକ୍ତ ପ୍ଲଟ ର ଅର୍ଦ୍ଧାଧିକ ଅଂଶ ମାଟି ଧୋଇ ଯିବା ରୁ ଗଭିର ଗର୍ତ୍ତ ସୃଷ୍ଟି ହୋଇ କାଡା ସହ ମିଶି ଯାଇଥିଲା । ଏନେଇ ବୁଦ୍ଧନାଥ ତହସିଲ ରେ ମାପ ଚୁପ ପାଇଁ ଆବେଦନ କରିଥିଲେ । ପ୍ରଶାସନ ଉପସ୍ଥିତି ରେ ମାପ ହେବା ପରେ ୨୧ ଚଉଡା ଏବଂ ୫୧ ଫୁଟ ଲମ୍ବ କାଡା କେନାଲ ମାଡି ଯାଇଥିବା ଚିହ୍ନଟ ହୋଇଛି । ଏନେଇ ସେ ଭୁବନେଶ୍ୱର ଡ୍ରେନେଜ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଡ୍ରେନେଜ ଡିଭିଜନ ଘଟଣା ତଦନ୍ତ କରି ହିତାଧିକାରୀ ଙ୍କୁ ଜମି ଫେରସ୍ତ ପାଇଁ ଆଶ୍ୱାସନା ଦେଇଥିଲେ । ନ୍ୟାୟ ପାଇବା ପାଇଁ ଏ ଅଫିସ ରୁ ସେ ଅଫିସ ଦୌଡ଼ି ନିରାଶ ହୋଇ ପଡିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ପାରୁ ନାହିଁ । ଫଳରେ ସେ ଘର କରିବାକୁ ଅସମର୍ଥ ହେଉଛନ୍ତି ।

## ଦଶପଲ୍ଲା ବ୍ଲକ ପରିସରରେ ଜନ ଶୁଣାଣି କାର୍ଯ୍ୟକ୍ରମ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହରେ ସୋମବାର ଦିନ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ମଧୁମିତା ରଥ,ଉପ ଜିଲ୍ଲାପାଳ କର୍ଣ୍ଣ ଦେବ ସମଦାର,ପିଡି ଲଗ୍ନଜିତ ରାଉତ , ଏସପି ଏସ ସୁଶ୍ରୀ , ଏ ଡି ଏମ ରୋଜିନା ଦାସ,ଏସ ଡି ପି ଓ ଜ୍ୟୋତିରଞ୍ଜନ ସାମନ୍ତରାୟ,ସି ଡି ଏମ ଓ ପୁଷ୍ପାନୀଳିମା ଲାକ୍ରା,ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ ଙ୍କ ଉପସ୍ଥିତରେ ଜଣ ଶୁଣାଣି ହୋଇଥିଲା । ତତ ସହିତ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା , ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସନ୍ଦୀପ ସ୍ୱାଇଁ ଙ୍କ ସମେତ ଅନ୍ୟ ସମସ୍ତ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଜି ମୋଟ ୧୩୭ ଟି ଦରଖାସ୍ତ ହୋଇଥିବା ବେଳେ ବ୍ୟକ୍ତିଗତ ୧୧୦ଟି, ଗ୍ରାମସମ୍ବନ୍ଧୀୟ ୨୨ଟି , ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ୦୫ଟି ହୋଇଥିବା ବେଳେ ସଙ୍ଗେ ସଙ୍ଗେ ୪୯ଟିର ସମାଧାନ ହୋଇଥିଲା ।

# ବାଲିପଡ଼ିଆ ଯୁବକ ସଂଘର ୫୩ ତମ ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର, (ମହାଭାରତ) : ସ୍ୱାଧିନତା ସଂଗ୍ରାମୀ ମାଟି ବାଲିପଡ଼ିଆ ଠାରେ ବାଲିପଡ଼ିଆ ଯୁବକ ସଂଘର ୫୩ତମ ବାର୍ଷିକ ଉତ୍ସବ ଓ ୪୦ତମ ମୁକ୍ତମଂଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଯୋଗଦେଇଥିବା ଅତିଥି ମାନଙ୍କୁ ବାଜା, ବାଣ ସହିତ ଯୁବକ ସଂଘର କର୍ମକ□ା ଓ ଗ୍ରାମବାସୀ ମାନେ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ । ଯିବା ସମୟରେ ଅତିଥି ମାନେ ଠକ୍କର ବାପା ଆଶ୍ରମ ଠାରେ ଜାତିର ଜନକ ମାହାତ୍ମାଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ ଓ ସଂଗ୍ରାମୀ ସ୍ମାରକି ଠାରେ ପୁଷ୍ପମାଲ୍ୟ ଦେବା ସହିତ ଯୁବକ ସଂଘ ପ୍ରାଙ୍ଗଣରେ ଥିବା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଦିବଙ୍ଗତ ବଡ଼ଚଣାର ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ହରି ବାରିକ, ନୀଳମଣି ମଳିକ ଓ ଭାରତ ମାତାର ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋସଙ୍କ ପ୍ରତିମୂ□ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଯୁବକ ସଂଘର ସଭାପତି ଦୀଲ୍ଲିପ କୁମାର ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରାରମ୍ଭରେ ସଂଘର ପ୍ରଥମ ସଭାପତି ସ୍ୱର୍ଗତ ବିଷ୍ଣୁ ଚରଣ ପ୍ରଧାନଙ୍କ ସ୍ମୃତିରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟଅତିଥି ଭାବେ ଇର୍ଷ୍ଣମିଡ଼ିଆର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ସଂଗ୍ରାମୀ ମାଟି ବାଲିପଡ଼ିଆ ଠାରେ ୧୯୭୩ ମସିହାରୁ ଗଠନ ହୋଇଥିବା ବାଲିପଡ଼ିଆ ଯୁବକ ସଂଘ ଦୀର୍ଘ ୫୩ ବର୍ଷ ଧରି ତାର କାର୍ଯ୍ୟକ୍ରମ ଜାରିରଖିବା ସହ ୪୦ ବର୍ଷ ଧରି ମୁକ୍ତମଂଚ ନାଟକ ପ୍ରତିଯୋଗିତା ବଜାୟ ରଖିଥିବାରୁ ସଂଘର କର୍ମକ□ାମାନଙ୍କୁ ସାଧୁବାଦ ଦେବା ସହ ଏ ଅଂଚଳର ଯୁବକ ମାନଙ୍କର ଇଛାଶକ୍ତିକୁ ଭୂୟସି ପ୍ରଶଂସା କରିବା ସହ ବୟସର ମାପ କାଠିରେ ନୁହେଁ ପ୍ରବଳ ଇଛାଶକ୍ତି ଯାହାର ଥାଏ ସେ ହିଁ ଯୁବକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ଏ ଅଂଚଳର ଯୁବପିଢି ମାନେ କଳା ଓ ସଂସ୍କୃତିକୁ ବଜାୟ ରଖିଥିବାରୁ ମୁଁ ତାଙ୍କୁ ବଧାଇ ଦେବା ସହ ୪୦ ବର୍ଷ ଧରି ମୁକ୍ତମଂଚ ନାଟକ ପ୍ରତିଯୋଗିତା ଚାଲୁରଖିଥିବାରୁ ସଂସ୍କୃତି ବିଭାଗ ସହ ଯୋଗାଯୋଗ କରି ଏ ଅନୁଷ୍ଠାନ କିପରି ଆଗକୁ ନିରବିଚ୍ଛନ୍ନ ଭାବେ ଚାଲୁରହିବ ସେ ପାଇଁ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବଡ଼ଚଣା ବ୍ଲକର ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବାଲିପଡ଼ିଆ ଗ୍ରାମର ଏକ ମାତ୍ର ଚୋପଦାରି ଖେଳପଡ଼ିଆ ଉନ୍ନତି ପାଇଁ ଓ ଦୁଇଟି ମନ୍ଦିର ଭୋଗ ମଣ୍ଡପ ପାଇଁ ସରକାରୀ ଅର୍ଥ ବ୍ୟବସ୍ଥା କରାଯାଇଛି, ଯାହାର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ଯୋଗଦେଇ ଉତ୍ସବରେ ଉପସ୍ଥିତ ଜନସାଧାରଣଙ୍କୁ ନିଜ କଳାର ଚାତୁରି ଦେଖାଇ ଭରପୁର ଆନନ୍ଦ ଦେଇଥିଲେ । ଉତ୍ସବରେ ଯୁବକ ସଂଘ ପକ୍ଷରୁ ପୂର୍ବତନ କର୍ମକ□ା ବିଜୟ କୁମାର ତ୍ରିପାଠୀ, ଅରକ୍ଷିତ ଦାଶ, ଧରଣୀଧର ପ୍ରଧାନ, ଚନ୍ଦ୍ରକାନ୍ତ ସାମଲ, ପରିକ୍ଷିତ ପୃଷ୍ଟି, ଗଣେଶ୍ୱର ପ୍ରଧାନ, ଗୋପିନାଥ ସାମଲ ତଥା ଉତ୍ସବରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉ□ରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ନାଟକ ପ୍ରତିଯୋଗିତାରେ ମା'ଲକ୍ଷ୍ମୀ ଡ୍ରାମାଟିକ କ୍ଲବ ଡିଗିରିଆ ତାର ମଂଚସ୍ଥ ନାଟକ 'ମୃତ୍ୟୁ ଦଣ୍ଡରେ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିବା ବେଳେ ବାବା ମଧୁକେଶ୍ୱର ନାଟ୍ୟ ପରିଷଦ କ□ଗଡ଼ିଆ 'ମୋ ହସ ତୁ ଲୁହରେ ତୁ' ମଂଚସ୍ଥ କରି ଦ୍ୱିତୀୟ, ମା'ଭୁବନେଶ୍ୱରୀ କଳାମନ୍ଦିର କମ୍ପଗଡ଼ 'ଏମିତି କାହାଣି କେବେ ଶୁଣିନି' ମଂଚସ୍ଥ କରି ତୃତୀୟ ଦଳ ଭାବେ ବିବେଚିତ ହୋଇ ମଂଚାସିନ ଅତିଥି ମାନଙ୍କ ଠାରୁ ପୁଷ୍ପଗୁଚ୍ଛ, ଉ□ରୀୟ, ବିଜେତା କପ ଓ ନଗଦ ଅର୍ଥରାଶି ଗ୍ରହଣ କରିଥିଲେ । ଯୁବକ ସଂଘର ଉପସଭାପତି ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିପଡ଼ିଆ ସରପଂଚ ପ୍ରାଧାପକ କିଶୋର ଚନ୍ଦ୍ର ବେହୁରା, ପୂର୍ବତନ ସରପଂଚ ଅନିରୁଦ୍ଧ ସାମଲ ପ୍ରମୁଖ ସଂଘ ସମ୍ପର୍କରେ ନିଜର ମତପ୍ରକାଶ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ନାୟକ, ନାୟିକା, ପାର୍ଶ୍ୱ ନାୟକ, ପାର୍ଶ୍ୱ ନାୟିକା, ଚରିତ୍ର ଅଭିନେତା, ଚରିତ୍ର ଅଭିନେତ୍ରୀ, ଖଳନାୟକ, ଖଳନାୟିକା, ହାସ୍ୟ ଅଭିନେତା, ହାସ୍ୟ ଅଭିନେତ୍ରୀ, ଶିଶୁ କଳାକାର, କଣ୍ଠଶୀଳ୍ପୀ, ପୁରୁଷ ଓ ମହିଳା, ଶ୍ରେଷ୍ଠ କାହାଣୀ, ଶ୍ରେଷ୍ଠ ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ, ନୃତ୍ୟ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତ୍ରୀ ଓ ଅଭିନେତା ମାନଙ୍କୁ କପ ଓ ଉ□ରୀୟ ଦେଇ ମଂଚାସିନ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଦେବେନ୍ଦ୍ର ବେହୁରା, ହରପ୍ରସାଦ ସାମଲ, ଗଗନ ବିହାରୀ ସ୍ୱାଇଁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସୁଶିଲ ତ୍ରିପାଠୀ, ପ୍ରମୋଦ ପ୍ରଧାନ, ସୁମନ୍ତ ଜେନା, ଅଜୟ ପ୍ରଧାନ, ମନୋଜ ସାମଲ, ବିଜୟ ସାମଲ, ରୁଦ୍ର ପ୍ରସନ୍ନ ସାମଲ, ମାନସ ରଞ୍ଜନ ପ୍ରଧାନ, ଭାଗିରଥି ବେହୁରା, ସୁନିଲ ମହାନ୍ତି, ଦେବବ୍ରତ ପୁହାଣ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ । ଯୁବକ ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଲ୍ଲିପଶିରେ ରାଜ୍ୟସ୍ତରୀୟ ଦିବା ରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରୀ ପଞ୍ଚାୟତ ସ୍ଥିତ ମଲ୍ଲିପଶି ଠାରେ ରାଜ୍ୟସ୍ତରୀୟ ଏକ ଦିବସୀୟ ଦିବାରାତ୍ର ଭଲି ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଉଦଘାଟନି ଉତ୍ସବ କୁ ମୂଖ୍ୟ ଅତିଥି ଭାବେ ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ ଯୋଗଦାନ କରିଛନ୍ତି । ସମ୍ମାନୀତ ଅତିଥି ଭାବେ ପାଟଣା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ବିଶ୍ୱନାଥ ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ଆଞ୍ଚଳିକ ମହାବିଦ୍ୟାଳୟ ର ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଭାମାମଣି ଦାସ ଯୋଗଦେଇ ଖେଳକୁ ଉଦ୍ଘାଟନ କରିଥିଲେ । ରାଜ୍ୟ ସ୍ତରରେ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ୬ ଟି ଟିମ୍ ଏଥିରେ ଭାଗନେଇଥିଲେ ସେମାନଙ୍କର ମଧ୍ୟରୁ କେନ୍ଦୁଝର ଜିଲ୍ଲା ର ମିରିଗୀମୁଣ୍ଡି ଓ ଯାଜପୁର ଜିଲ୍ଲା ର ଚିତ୍ରି ମଧ୍ୟରେ ହୋଇଥିଲା ସେଥିରେ ୨-୧ ସେଟ୍ ରେ ମ୍ୟାଚ୍ କୁ ଜିତି ମିରିଗିମୁଣ୍ଡି ଚାମ୍ପିଅନ ହୋଇଥିଲା ଅବଶିଷ୍ଟ ଚାରୋଟି ଦଳ ରାଇରଙ୍ଗପୁର, ଯଶିପୁର, ତେଲକୋଇ ଓ ପିପିଲିଆ ମଧ୍ୟ ସୁନ୍ଦର ଖେଳ ଖେଳି ଉପସ୍ଥିତ ଦର୍ଶକ ମାନଙ୍କ ମନ କିଣି ନେଇଥିଲେ । ଏଥିରେ ୬ଟି ଦଳ ଅଂଶ ଗ୍ରହଣ ଛନ୍ତି । ୪ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ସହ ଚାମ୍ପିଅନ ଦଳ କୁ ଟ୍ରଫି ସହ ୭ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଛି । ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ସୁନାମଧନ୍ୟ ଭାଷ୍ୟକାର ସଂଜୟ କୁମାର ସାହୁ, କୁନାଲ କୁମାର ପଣ୍ଡା, ଅଜୟ କୁମାର ବେଜ୍ । ବରିଷ୍ଠ ଶିକ୍ଷକ ପାର୍ଥ ସାରଥି ବେଜ ଖେଳର ସଫଳତା ନିମନ୍ତେ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ଖେଳକୁ ପ୍ରହଲ୍ଲାଦ ପଣ୍ଡା, ହିମାଂଶୁ ବିଶ୍ୱାସ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସୁରେନ୍ଦ୍ର ନାଥ ମହାନ୍ତ,ଅର୍ଜୁନ ମହାନ୍ତ, କେଶବ ଚନ୍ଦ୍ର ବାରିକ୍, ଈଶ୍ୱର ନାଏକ, ଆର୍ତ୍ତ ତ୍ରାଣ ବେଜ୍, ରାଜା ପଣ୍ଡା, ବାବୁଲା ବେଜ୍, ବୁବୁ ବେହେରା, ଟିଟା ବାରିକ୍, ଶ୍ୟାମ ମହାନ୍ତ, ମନ ରଣା, ସାନୁ ରଣା, ଟଙ୍କ ରଣା, ବାବୁ ବେଜ୍ ତଥା କ୍ଲବର ସମସ୍ତ ସଭ୍ୟ ଅତି ସୁନ୍ଦର ଭାବରେ ଖେଳକୁ ପରିଚାଳନା କରିଥିଲେ ।

## କବିତା ପାଠୋତ୍ସବ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଓଡ଼ିଆ ଭଣ୍ଡାରୀ ସାହି ଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ଗୃହ ଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର,ଡକ୍ଟର ଚାରୁପ୍ରଭା ନାୟକ, ଅଧାପିକା ଡକ୍ଟର କଲ୍ୟାଣି ମିଶ୍ର ମହିଳା ସ୍ନାତକ ମହାବିଦ୍ୟାଳୟ ପାରଳାଖେମୁଣ୍ଡି,ବିଶିଷ୍ଟ ଅତିଥି ପ୍ରଫେସର ସ୍ନାତକୋତ୍ତର ଓଡ଼ିଆ ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡକ୍ଟର ସଦାନନ୍ଦ ନାୟକ, ମୁଖ୍ୟବକ୍ତା ଭାବେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ବ୍ରହ୍ମପୁର ଡକ୍ଟର କୁଳମଣି ଓଝା ପ୍ରମୁଖ ମଞ୍ଚାସିନ ଥିଲେ ।

## ଡ୍ରେନେଜ ଡିଭିଜନର ମନମାନି ଜବରଦଖଲ କରିଛନ୍ତି ଚାଷୀଙ୍କ ଜମି

ବାଲିପାଟଣା, (ମହାଭାରତ): ବାଲିପାଟଣା ତହସିଲ ଅଧୀନରେ ଜଳ ସେଚନ ବିଭାଗ ବା ଡ୍ରେନେଜ ଡିଭିଜନ ମନମାନି ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଛି । ଗାରେଡି ପାଞ୍ଚଣ ମୌଜା ରେ ଥିବା ମୂଲ୍ୟବାନ ଘର ବାଡ଼ି ପ୍ଲଟ ରେ କାଡା କେନାଲ ବା ଡ୍ରେନ ଖୋଲା ପରେ ହିତାଧିକାରୀ ହନ୍ତସନ୍ତ ହେଉଛନ୍ତି । ଏ ଅଫିସ ରୁ ସେ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇ ଚିନ୍ତା ରେ ପଡିଛନ୍ତି । ପ୍ରଶାସନୀୟ ସ୍ଥାଣୁତା ଯୋଗୁଁ ନ୍ୟାୟ ପାଇବା ରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଏହି ତହସିଲ ଅଧୀନ ବାଲିପାଟଣା ର ବୁଦ୍ଧନାଥ ତ୍ରିପାଠୀ ଙ୍କ ଜମି ଗାରେଡିପାଞ୍ଚଣ ରୁ ବାଲିପାଟଣା ରାସ୍ତାରେ ଅଛି । ଖାତା ନଂ ୫୯୧ , ପ୍ଲଟ ନଂ ୧୯୮୦ ପରିମାଣ ୬ ଡ଼ିସିମିଲ ଜମି ରହିଛି । ଏହାର କିସମ ଘର ବାଡ଼ି ରହି ଅଛି । ଉକ୍ତ ଜମି କଡ଼ ରେ କାଡ଼ା କେନାଲ ପ୍ରବାହିତ ହୋଇଛି । ବର୍ଷା ଦିନ ପାଣି ସ୍ରୋତ ରେ ଉକ୍ତ ପ୍ଲଟ ର ଅର୍ଦ୍ଧାଧିକ ଅଂଶ ମାଟି ଧୋଇ ଯିବା ରୁ ଗଭିର ଗର୍ତ୍ତ ସୃଷ୍ଟି ହୋଇ କାଡା ସହ ମିଶି ଯାଇଥିଲା । ଏନେଇ ବୁଦ୍ଧନାଥ ତହସିଲ ରେ ମାପ ଚୁପ ପାଇଁ ଆବେଦନ କରିଥିଲେ । ପ୍ରଶାସନ ଉପସ୍ଥିତି ରେ ମାପ ହେବା ପରେ ୨୧ ଚଉଡା ଏବଂ ୫୧ ଫୁଟ ଲମ୍ବ କାଡା କେନାଲ ମାଡି ଯାଇଥିବା ଚିହ୍ନଟ ହୋଇଛି । ଏନେଇ ସେ ଭୁବନେଶ୍ୱର ଡ୍ରେନେଜ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଡ୍ରେନେଜ ଡିଭିଜନ ଘଟଣା ତଦନ୍ତ କରି ହିତାଧିକାରୀ ଙ୍କୁ ଜମି ଫେରସ୍ତ ପାଇଁ ଆଶ୍ୱାସନା ଦେଇଥିଲେ । ନ୍ୟାୟ ପାଇବା ପାଇଁ ଏ ଅଫିସ ରୁ ସେ ଅଫିସ ଦୌଡ଼ି ନିରାଶ ହୋଇ ପଡିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ପାରୁ ନାହିଁ । ଫଳରେ ସେ ଘର କରିବାକୁ ଅସମର୍ଥ ହେଉଛନ୍ତି ।

## ଯୁବକଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଘଟଣାରେ ନାବାଳକଙ୍କୁ ଗିରଫ୍ କରିଛି ଯୋଡ଼ା ପୁଲିସ୍ ?

ଯୋଡା,୯/୦୩(ମହାଭାରତ) ଯୋଡା ଥାନା ଅନ୍ତର୍ଗତ ବନେଇ କଳା ବସ୍ତି ର ଦିଲ୍ଲୀପ ନାଏକ(୩୮) ଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ହତ୍ୟା ଅଭିଯୁକ୍ତ ନାବାଳକୁ ପୋଲିସ ଧରିଥିବା ସୂଚନା ଦେଇଛି । ଯୋଡା ପୋଲିସ ର ସୂଚନା ଅନୁଯାୟୀ,ଗତ ତା ୬/୦୩/୨୦୨୬ ରିଖ ଶୁକ୍ରବାର ସନ୍ଧ୍ୟାରେ ବନେଇ କଳା ବସ୍ତି ର ଦିଲ୍ଲୀପ ନାଏକ ଯୋଡା ମାର୍କେଟ ରୁ ଘର କୁ ଫେରୁ ଥିବା ବେଳେ କିଛି ଦୁର୍ବୃର୍ତ୍ତ ତାଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଓ ଟଙ୍କା ଲୁଟ କରି ନେଇ ତାଙ୍କୁ ଯୋଡା ସ୍ଥିତ ପୋଷ୍ଟ ଅଫିସ ଗଳି ରେ ପକାଇ ଫେରାର ହୋଇ ଯାଇଥିଲେ ।ଦିଲୀପ ଙ୍କ ପରିବାର ଲୋକ ପରବର୍ତ୍ତୀ ଦିନ ତାଙ୍କୁ ଆହତ ଅବସ୍ଥାରେ ଯୋଡା ଟାଟା ଷ୍ଟିଲ ଡାକ୍ତର ଖାନା । କୁ ନେଇଥିଲେ ।ସେଠାରୁ କେନ୍ଦୁଝରର ଡାକ୍ତର ଖାନା । ଓ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତର ଖାନା । ରେ ଭର୍ତ୍ତି କରିଥିଲେ ।ଦିଲ୍ଲୀପ ଙ୍କୁ କେହି ଅଜଣା ଦୁର୍ବୃର୍ତ୍ତ ଆକ୍ରମଣ କରିଥିବା ନେଇ ତାଙ୍କ ଭଉଣୀ ସରସ୍ୱତୀ ନାଏକ ଗତ ତା ୯/୦୩/୨୦୨୬ ରିଖରେ ଲିଖିତ ଅଭିଯୋଗ କରିବା ସହିତ ଏହାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତ କୁ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ବାସୀ ମଧ୍ୟ ଥାନାର ଦ୍ୱାରସ୍ଥ ହୋଇ ପୋଲିସ କୁ ଅନୁରୋଧ କରିଥିଲେ ।ପୋଲିସ ଅଭିଯୋଗ କୁ ଆଧାର କରି ଏକ ମାମଲାନଂ ୯୨/୨୦୨୬ ଦଫା ୧୨୬(୨)/୧୧୫(୨)/୧୧୭(୨)/୩୦୩(୨)୩(୫) ବି ଏନ୍ ଏସ ରୁଜୁ କରିଥିଲା ।ତେବେ ତା ୯/୦୩/୨୦୨୬ ରିଖ ସନ୍ଧ୍ୟା ସମୟରେ ରେ ଦିଲ୍ଲୀପ ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବ । ଖବର ପୋଲିସ ଜାଣିବା ପରେ ଏହି ଆକ୍ରମଣ ଘଟଣା ର ଜୋରଦାର ଅନୁସନ୍ଧାନ କରିଥିଲା ।ଅନୁସନ୍ଧାନ ରୁ ଜାଣିବାକୁ ପାଇଲା ଯେ,ଦିଲ୍ଲୀପ କୁ ଜଣେ ନାବାଳକ ଆକ୍ରମଣ କରି ଗୁରୁତର ଅବସ୍ଥାରେ ଯୋଡା ପରିବା ମାର୍କେଟ ଗଳି ରେ ଟାଣି ଟାଣି ନେଇ ପକାଇ ଦେଇଥିଲା ।ତେବେ ଯୋଡା ପୋଲିସ ମାମଲା କୁ ପରିବର୍ତ୍ତନ କରି ଦଫା ୧୦୩(୧) ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନାବାଳକ କୁ ଧରି ଥିବା ଯୋଡା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ଖବର ଦାତା ଙ୍କୁ ପ୍ରେସ ନୋଟ ମାଧ୍ୟମରେ ସୂଚନା ଦେଇଛନ୍ତି ।

# ଦର୍ପନାରାୟଣପୁର ପଞ୍ଚାୟତ ସାଜିଛି ଦୁର୍ନୀତିର ଗନ୍ତାଘର ସରପଞ୍ଚଙ୍କ ସ୍ୱାମୀଙ୍କ ଦଖଲରେ ପଞ୍ଚାୟତ କାର୍ଯ୍ୟାଳୟ




ରଣପୁର, (ମହାଭାରତ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଦର୍ପନାରାୟଣପୁର ପଞ୍ଚାୟତ ବର୍ତ୍ତମାନ ଦୁର୍ନୀତି ଗନ୍ତାଘର ପାଲଟିଛି । ଦର୍ପନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟ ରେ ମାସକୁ ୨୮ଦିନ ସରପଞ୍ଚ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଏହି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସ୍ୱାମୀ ଙ୍କ ଇସାରାରେ ଚାଲୁଥିବା ମଧ୍ୟ ଅଭିଯୋଗ ହେଉଛି । ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତ ଚଲାଇବା ନେଇ ରାଜ୍ୟ ସରକାର ବିଭିନ୍ନ ଦଣ୍ଡ ବିଧି ଆଇନ ଆଣିଥିଲେ ମଧ୍ୟ ବ୍ଲକ ଅଧିକାରୀ ମାନେ ଏହାକୁ କିପରି ସହଜରେ ହଜମ କରୁଛନ୍ତି ତାହା ସାଧାରଣରେ ଆଲୋଚନା ହେଉଛି । ଦର୍ପନାରାୟଣପୁର ପଞ୍ଚାୟତ ରେ ସରପଞ୍ଚଙ୍କ ବଦଳରେ ତାଙ୍କ ସ୍ୱାମୀ ଙ୍କ ଦସ୍ତଖତରେ ଚାଲିଛି କାଗଜ ପତ୍ର । ଏବଂ ସରପଞ୍ଚ ଙ୍କ ସ୍ୱାମୀ ଙ୍କ ନିର୍ଦ୍ଦେଶ ରେ ପଞ୍ଚାୟତ ରେ ସବୁ କାର୍ଯ୍ୟ ହେଉଛି ନିମ୍ନ ମାନର । ରଣପୁର ବ୍ଲକ ଅଧ୍ୟକ୍ଷ, ବିଡ଼ିଓ ଓ ଯନ୍ତ୍ରୀ ମାନେ ସରପଞ୍ଚ ସ୍ୱାମୀ ଙ୍କୁ ପଞ୍ଚାୟତ ରେ କାର୍ଯ୍ୟ କରିବା ପାଇଁ ଦେଉଛନ୍ତି ପ୍ରୋତ୍ସାହନ । ଯାହା ଫଳରେ ଲକ୍ଷ ଲକ୍ଷ ଟଙ୍କା ମୁନାଫା ଉଠାଉଛନ୍ତି ଦର୍ପନାରାୟଣପୁର ପ୍ରୋକ୍ସି ସରପଞ୍ଚ । ଏହି ପଞ୍ଚାୟତରେ ସୋଲାର, କଂକ୍ରିଟ ରାସ୍ତା ଓ ମହାତ୍ମା ଗାନ୍ଧୀ ଏନ୍.ଆର୍.ଜୀଏସ କାର୍ଯ୍ୟରେ ହୋଇଛି ମହା ଘୋଟାଲା । ବ୍ଲକ୍ ଅଧିକାରୀ ମାନେ ଲକ୍ଷ ଲକ୍ଷ ଟଙ୍କା ପିସି ନେଇ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଚଳୁ କରିବା କଥା ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି । ଏତେ ସବୁ ଦୁର୍ନୀତି ପରେ, ପଖାଳ ଖାଇ ଶୋଇପଡ଼ିଛି କି ପ୍ରଶାସନ ? ରଣପୁର ବ୍ଲକ ଅଧିକାରୀ ମାନେ ଲାଞ୍ଚ ନେଇ ସରପଞ୍ଚଙ୍କୁ ନିମ୍ନ ମାନର କାର୍ଯ୍ୟରେ ସହଯୋଗ କରିବା କଥା । ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ସମାଲୋଚନା ହେଉଛି ଏହି ପଞ୍ଚାୟତ ରେ ଚାଲୁଥିବା ନଳକୂପରେ ସୋଲାର ଲଗାଇ ଲକ୍ଷ ଲକ୍ଷ ଟଙ୍କା ବିଲ କରି ଖାଇଗଲେ ପ୍ରୋକ୍ସି ସରପଞ୍ଚ । ହେଲେ ପାଣି ଟୋପାଏ ପାଇଲେନି ସାଧାରଣ ଲୋକ । ଲୋକଙ୍କ ଟଙ୍କାକୁ ଦିନ ଦୁଇପହରେ ଚଳୁ କରୁଥିବା ଥିବାକୁ ନେଇ ସାଧାରଣ ଜନତା ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିବା ଜଣାପଡିଛି । ଏହି ପଞ୍ଚାୟତ ରେ ୮ ବଖରା ଛାତ ଘର ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରୁ ୪ ରୁ ୫ ବଖରା ସରପଞ୍ଚଙ୍କ ପରିବାର ଜ୍ଞାତି କୁଟୁମ୍ବଙ୍କ ନାମରେ ଥିବା ଜଣାପଡିଛି । ଯାହା ତଦନ୍ତ ପରେ ସତ୍ୟ ସାମନାକୁ ଆସିବ । ସାଧାରଣ ମଧ୍ୟବିତ୍ତ ଲୋକଙ୍କ ପାଇଁ ସରକାର ତିଆରି କଲେ ମାର୍କେଟ କମ୍ପ୍ଲେକ୍ସ । କିନ୍ତୁ ଦୁଃଖର କଥା ଏହାର ଦୁରୁପଯୋଗ କଲେ ସ୍ଥାନୀୟ ସରପଞ୍ଚ । ଲୋକଙ୍କ କହିବା ଅନୁସାରେ ବିନା ନୋଟିଫିକେସନ ଓ ପଞ୍ଚାୟତ ଭୋଟରଙ୍କ ବିନା ଅବଗତରେ ସରପଞ୍ଚ ଚଞ୍ଚକତା କରି ନିଜ ପରିବାର ଓ ଜ୍ଞାତି କୁଟୁମ୍ବ ଲୋକଙ୍କ ନାମରେ ଆର୍ଲଟ କରିଦେଲେ ୪ ରୁ ୫ ବଖରା ଛାତ ଘର । ପ୍ରୋକ୍ସି ସରପଞ୍ଚ ନିଜକୁ ସମାଜସେବୀ ବୋଲାଉଥିବା ବେଳେ ଏ କେଉଁ ପ୍ରକାର ସମାଜ ସେବା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପଞ୍ଚାୟତର ଭୋଟର ମାନେ ସରପଞ୍ଚଙ୍କ ଏ ଭଳି ନିମ୍ନ ଚିନ୍ତାଧାରା ଓ କାର୍ଯ୍ୟ କଳାପକୁ ନେଇ ଘୋର ନିନ୍ଦା କରିଥିବା ଦେଖିବାକୁ ମିଳିଛି । କାକଲମା ତୋଟା ସାହି ପୋଖରୀ କାର୍ଯ୍ୟରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏ ସମସ୍ତ ଅଭିଯୋଗକୁ ଉପରେ ରଣପୁର ବିଡ଼ିଓ ଙ୍କ ସେହି ଚିରାଚରିତ ଉତ୍ତର ଖୁବ ଶୀଘ୍ର ଏହାର ତଦନ୍ତ ହେବ । ତେବେ ଆଗକୁ ଦେଖିବାକୁ ବାକି ରହିଲା କେବେ ତଦନ୍ତ ହେବ ପଞ୍ଚାୟତରେ ହେଉଥିବା ନିମ୍ନ ମାନର କାର୍ଯ୍ୟ ? ଓ କେବେ ହେବ ପ୍ରୋକ୍ସି ସରପଞ୍ଚ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ? ଏହାର ଉଚ୍ଚ ସ୍ତରୀୟ ତଦନ୍ତ ନ ହେଲେ ଆଗକୁ ଜନ ଆନ୍ଦୋଳନ ଉଗ୍ର ନେଇପାରେ ବୋଲି ସାଧାରଣ ରେ ଆଲୋଚନା ହେଉଛି ।

## ଆସିକା ବ୍ଲକ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି

ଆସିକା,(ମହହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆସିକା ବ୍ଲକ ଅଧିନ ୨୭ଟି ପଚଂୟତରୁ ଆସିଥିବା ପ୍ରାୟ ୧୬୦ଟି ଅଭିଯୋଗକୁ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କିର୍ତି ଭାସନ, ଏସ.ପି ଶୁଭେନ୍ଦୁ କୁମାର ପାତ୍ର, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ଭାରପ୍ରାପ୍ତ ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ସାଙ୍ଗକୁ ଜାତୀୟ ରାଜପଥ ଅଧିକାରୀ, ଆର.ଡ.ବ୍ଲୁ.ଏସ.ଏସ , ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ବିଦ୍ୟୁତ ବିଭାଗୀୟ ଅଧିକାରୀ, ଜଳସେଚନ, କ୍ଷୁଦ୍ର ଜଳସେଚନ, ସ୍ୱାସ୍ଥ୍ୟ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ ।ଏହି ଅଭିଯୋଗ ଶୁଣାଣିରେ ୧୬୦ ଟି ଅଭିଯୋଗ ମଧ୍ୟରୁ ୨୧ଟି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇଥିଲା । ୧୧ ଜଣ ଭିଉକ୍ଷମଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା । ଏହା ସହିତ ବହୁ ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଥିଲା । ବିଭିଉ ଅସହାୟଙ୍କୁ ୬୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଗ୍ରୀଷ୍ମ ଋତୁର ଆଗମନକୁ ନେଇ ପାନୀୟ ଜଳର ସମସ୍ୟାକୁ ମୁକାବିଲା କରିବା ପାଇଁ ଅଗ୍ରାଧିକାରୀ ଭିତିରେ ନଳକୂପ ଖନନ ସାଙ୍ଗକୁ ମରାମତି ଓ ଆବଶ୍ୟକ ସ୍ଥଳରେ ଟ୍ୟାଙ୍କର ଜରିଆରେ ପାଣି ଯୋଗାଇବା ପାଇଁ ବନ୍ଦୋବସ୍ତ କରାଯାଇଥିବା ନେଇ ଘୋଷଣା କରିଥିଲେ । ଅନ୍ୟପଟରେ ଜିଲ୍ଲାରେ ସରକାରଙ୍କ ତରଫରୁ ଜନଶୁଣାଣି ପୋର୍ଟାଲ ସୁବିଧା ଜିଲ୍ଲାପାଳ ଘୋଷଣା କରିଥିଲେ । ଏହି ପୋର୍ଟାଲ ମାଧ୍ୟମରେ ହିତାଧିକାରୀଙ୍କ ବିଭିଉ ଅଭିଯୋଗ ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ବିଭାଗୀୟ ସ୍କିମ ଗୁଡିକୁ ଏହି ପୋର୍ଟାଲ ଜରିଆରେ ହିତାଧିକାରୀ ସୂଚନା ଜାଣିପାରିବେ । ବିଶେଷକରି ଆସିକା ଏନଏସିରେ ଦ୍ୱାରା ଟାଉନ ହଲ ନିକଟରେ ଦୁଇ କୋଟି ଟଙ୍କାରୁ ଉର୍ଦ୍ଧ ବ୍ୟୟ ଅଟକଳରେ ର୍ନିମିତ ପାର୍କ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା, ପ୍ରତ୍ୟେକ ୱାର୍ଡରେ ଟ୍ରାଫିକ ସମସ୍ୟା, ଜବର ଦଖଲ ସାଙ୍ଗକୁ ଅନେକ ଉଉୟନ କାର୍ଯ୍ୟ ନିମ୍ନ ମାନର ହୋଇଥିବା, ଅନେକ ହିତାଧିକାରୀ ଠିକ ସମୟରେ ସୁବିଧା ପାଉନଥିବା ନେଇ ଅଭିଯୋଗ ଜିଲ୍ଲାଳଙ୍କ ଠାରେ ଅଭିଯୋଗ ପ୍ରଦାନ କରାଯାଇଥିଲା ।

## କରଞ୍ଜିଆରେ ଘୂର୍ଣ୍ଣିଝଡ଼: ସ୍ଥିତି ସୁଧାରିବାକୁ ଚାଲିଛି କସରତ

# ଗାଁରେ ପ୍ରଶାସନିକ ଅଧିକାରୀ, ମନ୍ତ୍ରୀ ଓ ବିଧାୟକ



କରଞ୍ଜିଆ/କରଞ୍ଜିଆ ସଦର/କରଞ୍ଜିଆ ସିଟି: ମୟୂରଭଞ୍ଜଜିଲ୍ଲା କରଞ୍ଜିଆରେ ଗତକାଲି ଘୂର୍ଣ୍ଣିଝଡ଼ ଓ କୁଆପଥର ମାଡ଼ ଯୋଗୁ ବ୍ୟାପକ କ୍ଷତି ହୋଇଛି । ସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି । ଗତକାଲି ଦିନ ପ୍ରାୟ ୨ଟା ୪୫ ମିନିଟ୍ ବେଳେ କରଞ୍ଜିଆ ବ୍ଲକ୍ ତାଟୋ ପଞ୍ଚାୟତ କିଆ-ପାଣପୋସଠାରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଥିଲା । ୧୫ ମିନିଟ୍ ମଧ୍ୟରେ ଏହା ବଳା, ଦରି, ବାଟପଳସା, ବଡ଼ଗାଁ ଓ ତାଟୋ ପଞ୍ଚାୟତ ଅଧୀନ ୧୨ଟି ଗାଁକୁ କବଳିତ କରିଥିଲା । ଘୂର୍ଣ୍ଣିଝଡ଼ରେ ଝିଅଘର କଙ୍କଡ଼ାକୁ ଆସିଥିବା କେନ୍ଦୁଝର ସାହାରପଡ଼ା ବ୍ଲକ୍ ହଳଦୀବଟାର ପୁଲିସ ନାଏକ (୪୨) ଏବଂ ବାଟପଳସା ପଞ୍ଚାୟତ ପୁରୁଣାପାଣିର ମାଳତୀ ମହାନ୍ତ (୫୫)ଙ୍କ ଜୀବନ ଯାଇଥିଲା । କିଆ-ପାଣପୋସ ଗାଁର ଶତ୍ରୁଘ୍ନ ନାଏକ (୫୫), ଘନଶ୍ୟାମ ସୋରେନ (୫୦), ଟିକିନା ହେମ୍ବ୍ରମ (୧୭), ମୋନାଲିସା ମହାରଣା, ରଞ୍ଜନ ବିଶ୍ୱାଳ (୨୫), ସୁଶ୍ରୀ ମୁଣ୍ଡା (୧୮), ରାମ ମାଝୀ (୩୧), ଲକି କାଲୁନଡ଼ିହା (୧୫) ଓ ଦେବସ୍ମିତା ବିଶ୍ୱାଳ (୩୨) ଗୁରୁତର ଆହତ ହୋଇଥିବା ବେଳେ ସମସ୍ତେ କେନ୍ଦୁଝର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଆହତ ୩୯ ଜଣଙ୍କ ମଧ୍ୟରୁ ବର୍ତ୍ତମାନ ୬ ଜଣ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୬ ଜଣ ଏସ୍ସିବି ମେଡିକାଲ ଏବଂ ୧୮ ଜଣ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଆଜି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସ୍ପି ବରୁଣ ଗୁଣ୍ଟୁପାଲ୍ଲି ଓ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଘୂର୍ଣ୍ଣିଝଡ଼ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି । ସ୍ଥିତିର ତ୍ୱରିତ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହନ୍ତ ଓ ଏସ୍ଡିପିଓ ନବକୃଷ୍ଣ ନାୟକ ଉପସ୍ଥିତ ଥିଲେ । ସେହିପରି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସ୍ଥାନୀୟ ସରପଞ୍ଚ ସ୍ମିତା ନାଏକ, ପୂର୍ବତନ ବିଧାୟିକା ବାସନ୍ତୀ ହେମ୍ବ୍ରମ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଯବାମଣି ଟୁଡୁ, ଆଶିଷ ମହାନ୍ତ, ଝୁରିଲାଲ ମହାନ୍ତ, ଜନାର୍ଦ୍ଦନ ବେହେରା, ସଞ୍ଜୀବ ମହାନ୍ତି, ନାରୀନେତ୍ରୀ ସୁନାମଣି ହୋ, ଦିଲ୍ଲୀପ ମହାନ୍ତ, ପୁଷ୍ପାଞ୍ଜଳି ସିଧୁ, ସମ୍ବିଧାନ ମହାପାତ୍ର, କଂଗ୍ରେସ ବରିଷ୍ଠ ନେତା ବିନୋଦ ବିହାରୀ ନାଏକ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଆଦିବାସୀ ନେତା ଚକ୍ରଧର ହେମ୍ବ୍ରମ ପ୍ରମୁଖ ପ୍ରଭାବିତ ଲୋକଙ୍କୁ ଭେଟି ସମସ୍ୟା ବାବଦରେ ପଚାରି ବୁଝିଛନ୍ତି । ତାଟୋ ଗୋଷ୍ଠୀ ଚିକିତ୍ସାଳୟ ଅଧୀକ୍ଷକ ସତ୍ୟପ୍ରକାଶ ଧଳ, ଚିକିତ୍ସାଳୟ ପରିଚାଳିକା କ୍ଷୀରାବ୍ଧୀ ତନୟା ମହାନ୍ତ ଓ ପିଏଚ୍ଇଓ ଟୁନା ହାଁସଦାଙ୍କ ତତ୍ତ୍ୱାବଧାନରେ ଆହତ ଲୋକଙ୍କ ଚିକିତ୍ସା କରାଯାଉଛି । ପ୍ରଶାସନ ଓ ବିଭିଉ ସାମାଜିକ ସଂଗଠନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ ସହ ପଲିଥିନ୍ ଓ ଶୁଖିଲା ଖାଦ୍ୟ ଦିଆଯାଉଛି । ରାଜସ୍ୱ ଅଧିକାରୀ ଓ କର୍ମଚାରୀମାନେ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରୁଛନ୍ତି । ଟ୍ୟାଙ୍କର ଯୋଗେ ଗାଁଗୁଡ଼ିକରେ ପାନୀୟଜଳ ଯୋଗାଣ ହେଉଛି । କରଞ୍ଜିଆ, ଯଶିପୁର, ଶୁକୃଳି ଓ ରରୁଆଁ ଅଗ୍ନିଶମ ବିଭାଗର ୪ଟି ଟିମ୍ ଘର ଓ ରାସ୍ତା ଉପରେ ପଡ଼ିଥିବା ଗଛ, ବିଦ୍ୟୁ ଖୁ□ ହଟାଇବା କାମରେ ଲାଗିଛନ୍ତିୟ ଟିପିଏନ୍ଓଡିଏଲ୍ ପକ୍ଷରୁ ବିଦ୍ୟୁ ସରବରାହକୁ ସ୍ୱାଭାବିକ କରାଯାଉଛି ।

## ଜିଲ୍ଲା ତୈଳିକ ବୈଶ୍ୟ ସମାଜର ପରିବର୍ଦ୍ଧିତ କାର୍ଯ୍ୟକରଣୀ ବୈଠକ

ବଲାଙ୍ଗୀର(ମହାଭାରତ): ବଲାଙ୍ଗୀର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରବିବାର ଦିନ ଏକ ପରିବର୍ଦ୍ଧିତ କାର୍ଯ୍ୟକରଣୀ ବୈଠକ ଶାନ୍ତିପଡ଼ା ସ୍ଥିତ ତୈଳିକ ବୈଶ୍ୟ ସମାଜର କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ଜିଲ୍ଲାର ୧୪ଟି ବ୍ଲକ ଓ ନଗର କମିଟିର ପ୍ରମୁଖ ସଦସ୍ୟମାନେ ଯୋଗଦେଇ ସମାଜର ବିଭିଉ ଉଉତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ ।ବିଗତ ଦିନରେ କଲ୍ୟାଣ ମଣ୍ଡପ ର୍ନିମାଣ କାର୍ଯ୍ୟରେ ହୋଇଥିବା ଆୟ ଓ ବ୍ୟୟ ସମ୍ପର୍କରେ ସମ୍ପାଦକ ପ୍ରଦୀପ ସାହୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହା ଉପରେ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବେଳେ କଲ୍ୟାଣ ମଣ୍ଡପର ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ମତାମତ ଗ୍ରହଣ କରାଯାଇଥିଲା । ସେହିପରି ପୁରୁଣା ଅଫିସ ଗୃହକୁ ଭଂଗି ସମସ୍ତ ସାମଗ୍ରୀକୁ ନୂତନ ଗୃହକୁ ସ୍ଥାନାନ୍ତର କରିବା, ଏକ ସୁନ୍ଦର ମୁଖ୍ୟଦ୍ୱାର ର୍ନିମାଣ କରି ନିଜସ୍ୱ ରାସ୍ତା କାମକୁ ଅଗ୍ରଗତି କରାଯିବା ପାଇଁ ସଭାରେ ସର୍ବସମ୍ମତି ପ୍ରକାଶ ପାଇଥିଲା ।ଏହାସହ କଲ୍ୟାଣ ମଣ୍ଡପର ଭିତରୀଣ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଆଗକୁ ନେବା ସହ ଜିଲ୍ଲାର ୧୪ଟି ବ୍ଲକ କମିଟିକୁ ପୁନର୍ଗଠନ କରିବା ଏବଂ ଯୁବ ଓ ମହିଳା ଗୋଷ୍ଠୀଙ୍କ ବିଶାଳ ସଦସ୍ୟତା ଗଠନ କରି ସମଗ୍ର ଜିଲ୍ଲାରେ ତେଲି ସମାଜର ଭାଇ ଓ ଭଉଣୀମାନଙ୍କୁ ଏକତ୍ରିତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ସଭାରେ ଜିଲ୍ଲା ଉପସଭାପତି, ସମ୍ପାଦକ, କୋଷାଧକ୍ଷ, କାର୍ଯ୍ୟକରଣୀ ସଦସ୍ୟ, ବିଭିଉ ବ୍ଲକର ସଭାପତି ଓ ସମ୍ପାଦକ ସହ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଗାଁକୁ ଗଡୁନି ବେସରକାରୀ ବସ

# ସହା ପାଲଟିଛି ମୁଖ୍ୟମନ୍ତ୍ରୀ ବସ୍ ସେବା



ନବରଙ୍ଗପୁର : ଜିଲ୍ଲାର ଆନେକ ଦୁର୍ଗମ ଗାଁକୁ ଗୁନି ବେସରକାରୀ ବସ । ଏବେ ଏହି ସବୁ ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବସ ଚଳିବା ସହ ଆର୍ଥନୈତିକ ପ୍ରଗତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ପ୍ରମୁଖ ସାହା ପାଲଟିଛି । ଜିଲ୍ଲାର ୧୦ଟି ବ୍ଲକରେ ୩୮ଟି ରୁଟରେ ବସ ଚାଲୁଛିୟ ପ୍ରତ୍ୟେକ ଦିନ ୧୦ରୁ ୧୨ ହଜାର ଛାତ୍ରଛାତ୍ରୀ, ମହିଳା, ଦିନମଜୁରୀଆ, ଚାଷୀ, ଗାଁ ବ୍ୟବସାୟୀ ଆଦି ଏହାର ଲାଭ ଉଠାଉଛନ୍ତି । ବର୍ତ୍ତମାନ ଜିଲ୍ଲାର ୧୦ଟି ବ୍ଲକ୍ରେ ୩୮ଟି ବସ୍ ରୁଟ୍ ସଫଳତାର ସହିତ ଚାଲୁ ଅଛି । ଏହା ବାଦେ ଆଉ ଦୁଇଟି ନୂଆ ବସ ସଂରକ୍ଷିତ କରି ରଖାଯାଇଛି । ରାଇଘର ବ୍ଲକରେ ସର୍ବାଧିକ ୭ଟି ବସ ଚାଲୁଛି । କୋଷାଗୁମୁଡା ଓ ଉମରକୋଟବ୍ଲକରେ ୫ଟି ଲେଖାଏଁ, ନବରଙ୍ଗପୁର, ପାପଡାହାଣ୍ଡି ଓ ଝରିଗାଁ ବ୍ଲକରେ ୪ଟି ଲେଖାଏଁ ଚାଲିଛି । ଡାବୁଗାଁ ବ୍ଲକରେ ୩ଟି ଓ ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ଚନ୍ଦାହାଣ୍ଡି ବ୍ଲକରେ ୨ଟି ଲେଖାଏଁ ଏଭଳି ୩୮ଟି ବସ୍ ଚାଲିବା ସହ ବ୍ଲକ୍ର ବିଭିଉ ଗାଁ ସହ ପଞ୍ଚାୟତ, ବ୍ଲକ୍ ଏବଂ ଜିଲ୍ଲା ସଦରମୁଖ୍ୟାଳୟ ସହିତ ସଂଯୋଗ କରୁଛି ।ଏହି ବସସେବା ମାଧ୍ୟମରେ ରାଇଘର, ଚନ୍ଦାହାଣ୍ଡି, କୋଷାଗୁମୁଡା, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ଡାବୁଗାଁ, ଝରିଗାଁ ଓ ଉମରକୋଟ ଆଦି ଅଞ୍ଚଳର ଅନେକ ଦୁର୍ଗମ ଓ ଦୂର ଗାଁ ଗୁଡିକରେ ଏବେ ନିୟମିତ ବସ ସେବାର ସୁବିଧା ପାଉଛନ୍ତି । ପୂର୍ବରୁ ଯେଉଁ ଅ□ଳଗୁଡ଼ିକରେ ଯାତାୟାତ ସୁବିଧା ସୀମିତ ଥିଲା, ବସ ଯାଉନଥିଲା ସେଠାକୁ ଏହି ବସସେବା ପହଚିଂ ଲୋକମାନଙ୍କ ଦୈନନ୍ଦିନ ଜୀବନକୁ ବହୁତ ସହଜ ଓ ସରଳ କରିଦେବା ସହ ଆର୍ଥିକସ୍ତରରେ ସଶକ୍ତ କରାଇଛି । ବସଗୁଡିକ ମୋଦେଗାଁ, ଫଟାକୋଟ, ବେହେଡା, ଖଡ଼କା, ସିଂସାରୀ, ପଣ୍ଡୁଗୁଡା, କୁର୍ସୀ, କଝୋରୀ, ଷଣ୍ଡକାମାରୀ, ନାକଟିସେମଡା, ମାଲଗାଁ, ପରଚିପାରା, ମେରେଇ, ଚିକିଲି, ଅମଳାଭଟ୍ଟା, ଗୁଡିପଦର, ମଝିଧାନୁଆ, କଣ୍ଟାଗାଁ, ଦେବାଗାଁ, ଭଣ୍ଡାରଘରୁଣି, ଆଟିଗାଁ, ବୋରିଗାଁ, ଦର୍ଗାଗୁଡା, କୁସୁମି, ଜମାଦାରପଡା, ଚଟିଗୁଡା ଓ ଚାନ୍ଦିଲି ଆଦି ଗାଁକୁ ବସ ଯିବା ଆସିବା କରୁଛି । ଏହି ବସରେ ୧୦ ହଜାରରୁ ୧୨ ହଜାର ଲୋକେ ଯିବା ଆସିବା କରୁଥିବା ବେଳେ ଏଥିରୁ ଅଧିକାଂଶ ମହିଳା ଓ ଛାତ୍ରଛାତ୍ରୀ ରହିଥିବା ଦେଖାଯାଉଛି । କିଲୋ ମିଟର ପିଛା ୮୯ପଇସା ବସ ଭଡା ରହିଛି ।ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀମାନେ ମୁକ୍ତ ଯାତ୍ରା ସୁବିଧା ପାଉଥିବାରୁ ଗ୍ରାମା□ଳର ଅନେକ ଶିକ୍ଷାର୍ଥୀ ଏହି ଯୋଜନାରୁ ଉପକୃତ ହେଉଛନ୍ତି । ମହିଳା ବରିଷ୍ଠ ନାଗରିକ, ତୃତୀୟ ଲିଙ୍ଗ (ଟ୍ରାନସଜେଣ୍ଡର) ଓ ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ପାଇଁ ୫୦ ଶତାଂଶ ଭଡ଼ା ରିହାତି ଦିଆଯାଉଛି । ବସସେବା ଯୋଗୁଁ ଗାଁ ଲୋକେ ନିଜ ଗ୍ରାମପଞ୍ଚାୟତ, ବ୍ଲକ୍ ମୁଖ୍ୟାଳୟ ଓ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ନିଜେ ଉତ୍ପାଦିତ ପନିପରିବା ବିକ୍ରୀ ପାଇଁ ବଜାର ଓ ପ୍ରଶାସନିକ ସେବା ପାଇଁ ଲୋକମାନଙ୍କ ଯାତାୟାତକୁ ଅଧିକ ସହଜ କରିଦେଇଛି । ଜିଲ୍ଲାରେ ଆହୁରି କିଛି ଦୁର୍ଗମ ଗାଁର ସାଧାରଣ ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଅତିରିକ୍ତ ୧୦ଟି ବସ ପ୍ରଦାନ ପାଇଁ ପ୍ରସ୍ତାବ ପଠାଯାଇଛି କହିଛନ୍ତି ଓଏସଆରଟିସିର ଡିଟିଏମ୍ ସନ୍ତୋଷ କୁମାର ନାୟକୟ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନା ଗ୍ରାମା□ଳର ସାମାଜିକ ଓ ଆର୍ଥିକ ଉଉତିକୁ ଗତି ଦେଉଛି ତେଣୁ ଡିଟିଏମ୍ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଗଲା ବୋଲି କହିଛନ୍ତି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା , ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉଉୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଗୋଷାଣୀ ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୧୦୩ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୯ ଗୋଟି,ଗ୍ରାମ ଭିଉିକ ସମସ୍ୟା -୪୪ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ଓ ୫ଜଣଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରାଯାଇଛି । ସେହିପରି ୩୦ ଜଣଙ୍କୁ ଜମି ଉତ୍ତରାଧିକାରୀ ଜମିପଟ୍ଟା ପ୍ରଦାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ର୍ନିମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିଉ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ୍.ବୀରାରାଜୁ,ଗୋଷ୍ଠୀ ଉଉୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ,ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।



## କେଶରୀଗୁଡା-ରଙ୍ଗମାଟିଗୁଡ଼ା ରାସ୍ତାରେ ୨୪ହଜାର ଗର୍ତ୍ତ

ନବରଙ୍ଗପୁର :ନବରଙ୍ଗପୁର ସହର ଉପକଣ୍ଠ ନନ୍ଦାହାଣ୍ଡି ବ୍ଲକର କେଶରୀଗୁଡାରୁ ରଙ୍ଗମାଟିଗୁଡା ୨.୪୦୦କିଲୋମିଟର ପିଏମଜିଏସୱାଇ ରାସ୍ତାରେ ଏବେ ୨୪ହଜାର ଗର୍ତ୍ତ । ଏତେ ସଂଖ୍ୟକ ଫଟହଲ ଯେ ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଶହ ଶହ କୃତ୍ରିମ ପୋଖରୀ ଦେଖିବାକୁ ମିଳେ । ସାଧାରଣ ସମୟରେ ବି ସାଇକେଲ କିମ୍ବା ବାଇକରେ ବି ଯିବା ବିପଦସଂକୁଳ । ରାସ୍ତା ଅବସ୍ଥା ଭଲନଥିବାରୁ ଜରୁରୀ ସମୟରେ ଆମ୍ବୁଲାନସ୍ ବି ଯିବା ମୁସ୍କିଲ ହୋଇପଡିଛି । ଅବଧି ସରିବା ବାହନାରେ ଠିକାଦାର ମରାମତି କରୁନି । ଗ୍ରାମ୍ୟ ବିଭାଜନ ବିଭାଗ ନୂଆ କରିବା ବାହାନାରେ ମରାମତି କରୁନି ।ବିଭିନ୍ନ ବେଠକରେ ବିଧାୟକ ଗେରୀଶଙ୍କର ମାଝୀ ରାସ୍ତାର ସାମୟିକ ମରାମତି କରିବାକୁ କହିଥିଲେ । ପରେ ପୁନରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ କରିବାକୁ କହିଥିଲେ ହେଁ ତାହା ବି କାର୍ଯ୍ୟକାରୀ ହୋଇପାରୁନି । ଏହି ରାସ୍ତା ପାଇଁ ୨ଟି ବୋର୍ଡ ଲଗାଇ ଦ୍ୱନ୍ଦ ସୃଷ୍ଟି କରାଯାଇଛି । ସ୍ପଷ୍ଟ ଭାବେ କେବେ ଆରମ୍ଭ ହୋଇଛି ଜଣାପଡୁନି । ଗୋଟିଏ ବୋର୍ଡରେ ୨୦୧୯ମସିହା ଓଅନ୍ୟ ବୋର୍ଡରେ ୨୦୨୦ମସିହା ଲେଖାଯାଇଛି । ବୋର୍ଡରେ ଯାହାଲେଖାଥିଲେ ବି ରାସ୍ତାର ୫ବର୍ଷିୟା ଅବଧି ସରିଛି । ତେବେ ଅବଧି ସରିବା ପରେ ବି ରାସ୍ତା ଭଲ ରହିବା କଥାୟ ତେବେ ରାସ୍ତାର ବିଭିଉ ସ୍ଥାନରୁ ପିଚୁ ସହ ବଜୁରୀ, ମେଟାଲ ଆଦି ବାହାରି ଯାଇଛି । ଏହି ରାସ୍ତା ଉପରେ ର୍ନିଭର ଥିବା ନବରଙ୍ଗପୁର ଓ ନନ୍ଦାହାଣ୍ଡିବ୍ଲକର ୭ଟି ପଂଚାୟତର ୨୫ଟି ଗାଁର ପ୍ରମୁଖ ରାସ୍ତା ଭାବେ ପରିଚିତ ଥିବା ରାସ୍ତା ଅବସ୍ଥା ଶୋଚନୀୟ ।୨୦୨୦ ମସିହାରେ ପିଏମଜିଏସୱାଇ ଯୋଜନାରେ ୨୮କୋଟି ୫୦ଲକ୍ଷ ବ୍ୟୟରେ ଏହି ରାସ୍ତାଟି ର୍ନିମାଣ ହୋଇଥିଲା । ବର୍ଷକୁ ଏହାର ରକ୍ଷଣା ବେକ୍ଷଣ ପାଇଁ ପୁଣି ୨୨ଲକ୍ଷ.୧୦ଲକ୍ଷ ଗ୍ରାମ୍ୟବିଭାଜନ ବିଭାଗ ଦେଇ ଆସୁଥିଲା । ରାସ୍ତାଟି ଅତ୍ୟନ୍ତ ନିମ୍ନମାନର ର୍ନିମାଣ ହୋଇଥିବାରୁ ଅବଧି ସରିବା ମାତ୍ରକେ ରାସ୍ତା ହଜିବା ଅବସ୍ଥାକୁ ଆସି ପିଚୁ, ବଜୁରୀ ଓ ମେଟାଲ ସବୁ ବାହାରି ଆସିଲାଣି ବୋଲି କହିଛନ୍ତି ଅଂଚଳବାସୀ । ରାସ୍ତାରେ ବାଇକଓ ସାଇକେଲରେ ନବରଙ୍ଗପୁର ସହରକୁ ପିବାକୁ ଆସୁଥିବା କଲେଜ ଛାତ୍ରଛାତ୍ରୀ, ଦିନ ମଜୁରିଆ ଓ ପନିପରିବା ଚାଷୀ, ଓମଶାନ୍ତି ଆଶ୍ରମକୁ ଯାଉଥିବା ବ୍ରହ୍ମକୁମାର, ବ୍ରହ୍ମକୁମାରୀ ଓ ଶ୍ରଦ୍ଧାଳୁମାନେ ବହୁ ବାର ଦୁର୍ଘଟଣାର ଶୀକାର ହେବା ଜାରଣ ରହିଛି । ଏହି ରାସ୍ତା ଦେଇ ରଙ୍ଗମାଟିଗୁଡା ଛକରୁ ଅଳ୍ପ ଦୂର ଗଲେ ନବରଙ୍ଗପୁର ବିଧାୟକ ଗେରୀଶଙ୍କର ମାଝୀଙ୍କ ବାସଭବନ ବି ରହିଛି । ବିଧାୟକଙ୍କ ନିକଟକୁ ବିଭିଉ କାମରେ ର୍ନିବାଚନମଣ୍ଡଳୀର ବିଭିଉ ଗାଁରୁ ଆସୁଥିବା ଲୋକେ ରାସ୍ତା ଦେଖି ଭିଉ ଭିଉ ଚର୍ଚ୍ଚା ଆରମ୍ଭ କରିଛନ୍ତି । ଏହି ରାସ୍ତାର ପୁନଃରୁଦ୍ଧାର ପାଇଁ ସର୍ଭେ ଆରମ୍ଭ କରି ଡିପିଆର ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ଗ୍ରାମ୍ୟ ବିଭାଜନ ବିଭାଗର ର୍ନିବାହୀ ଯନ୍ତ୍ରୀ ।

# ଆଦିବାସୀ ଗାଁରେ ମଦକୁ ନା: ପିଇଲେ ଓ ରାନ୍ଧିଲେ ୫ ହଜାର ଜରିମାନା



ମାଲକାନଗିରି: ପଡିଆ ବ୍ଲକର ନୀଲିଗୁଡ଼ା ଗାଁରେ ମଦ ବିକ୍ରି ଓ ପିଇବା ଉପରେ କଟକଣା ଜାରି କରାଯାଇଛି । ଗ୍ରାମବାସୀ ଏକତ୍ରିତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି । ନିୟମ ଉଲ୍ଲଂଘନ କଲେ ୫ ହଜାର ଟଙ୍କା ଜରିମାନା ଆଦାୟ ଲାଗି ନିଷ୍ପତ୍ତି ହୋଇଛି । କେବଳ ନୀଲିଗୁଡ଼ା ନୁହେଁ ଏହି ପଞ୍ଚାୟତର ଉସ୍କାବାଲ, ପୂଜାରିଗୁଡ଼ା, ପୁରୁଣା ନୀଲିଗୁଡ଼ା ଗାଁରେ ମଧ୍ୟ ମଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି ।ଏହି ସବୁ ଗାଁରେ କୋୟା ସମ୍ପ୍ରଦାୟର ଜନଜାତି ବସବାସ କରନ୍ତି । ଜୀବିକା ପାଇଁ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ର୍ନିଭରଶୀଳ । ପୂର୍ବରୁ ଏହି ଗାଁଗୁଡ଼ିକରେ ଲୋକେ ମଦ ପିଇ ଘରେ ଗଣ୍ଡଗୋଳ ଓ ମାରପିଟ କରୁଥିଲେ । କାମଧନ୍ଦା ଛାଡ଼ି ଦିନ ତମାମ ବାହାରେ ବୁଲୁଥିଲେ । ଫଳରେ ପାରିବାରିକ ହିଂସା ଓ ବେରୋଜଗାରୀ ଥିଲା । ଏହାକୁ ଆଖି ଆଗରେ ରଖି ଗାଁ ମୁଖିଆ ଏକତ୍ରିତ ହୋଇ ବୈଠକ କରି ଗାଁରେ ମଦ ପିଇବା ଏବଂ ରାନ୍ଧିବାକୁ ସଂପୂର୍ଣ୍ଣ ଭାବେ ବାରଣ କରିଛନ୍ତି । ଯିଏ ଗାଁରେ ମଦ ପିଇବ କିମ୍ବା ମଦ ରାନ୍ଧିବ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ୫ ହଜାର ଟଙ୍କା ଜରିମାନା ନିଷ୍ପତ୍ତି ହୋଇଛି । ଏହି ନିଷ୍ପ□ ପରେ ଗାଁ ଲୋକ ସୁଧୁରିଛନ୍ତି । ଗାଁରେ ମଦ ପିଇବା ଏବଂ ରାନ୍ଧିବା ବନ୍ଦ ହୋଇଛି । କିନ୍ତୁ ମଦ ରାନ୍ଧିବା ଓ ପିଇବା ପାଇଁ କିଛି କ୍ଷେତ୍ରରେ ନିୟମକୁ କୋହଳ କରାଯାଇଛି । ବିବାହ, ମୃତ୍ୟୁ ଏବଂ ଦଶାହ କାର୍ଯ୍ୟରେ ଯେତିକି ଆବଶ୍ୟକ ସେତିକି ହିଁ ମଦ ରାନ୍ଧିବାକୁ ଅନୁମତି ମିଳିଛି । ଆବଶ୍ୟକତାଠାରୁ ଅଧିକ ରାନ୍ଧିବା ନେଇ ପ୍ରମାଣ ମିଳିଲେ ଦଣ୍ଡ ମିଳିବ ।ନୀଲିଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ଆଦିବାସୀ ସଂଘର ସଂପାଦକ ବୁଦ୍ରା କାର୍ତ୍ତାମୀଙ୍କ କହିବା ଅନୁଯାୟୀ, କିଛି ମାସ ହେଲା ପଞ୍ଚାୟତର ଗାଁଗୁଡ଼ିକରେ ବୈଠକ କରାଯାଇ ମଦ ବନ୍ଦ କରାଯାଇଛି । ସଂସ୍କୃତି ଓ ପରମ୍ପରା ନାମରେ ଗାଁରେ ମଦ ବିକ୍ରି ଜୋର୍ସୋରରେ ଚାଲୁଥିଲା । ସ୍ଥିତି ଏମିତି ଯେ କାହା ସହ କଥାବାର୍ତ୍ତା କରିବା ଏକ ପ୍ରକାର ଅସମ୍ଭବ ଥିଲା । ଲୋକେ ମଦ ପିଇ କାହା କଥା ଶୁଣୁନଥିଲେ । ଘରେ ଘରେ ମଦ ରନ୍ଧାଯାଉଥିଲା । ଏବେ ସଂଘ ଏବଂ ଗାଁ କମିଟିର ନିଷ୍ପତ୍ତି ପ୍ରକାରେ କେହି ମଦ ରାନ୍ଧୁ ନାହାନ୍ତି । ମଦ ପିଇବା ଦ୍ୱାରା ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି । ପରିବାର ନଷ୍ଟ ହୋଇଯାଉଛି । ପରୀକ୍ଷାମୂଳକ ଭାବେ ନୀଳିଗୁଡା ପଞ୍ଚାୟତର କିଛି ଗାଁରେ ଏହି ଉଦ୍ୟମ ସଫଳ ହୋଇଛି । ଆଗାମୀ ଦିନରେ ଅନ୍ୟ ଗାଁଗୁଡ଼ିକରେ ମଦକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯିବ ।

## ଦୂର ହେବ ଏଲପିଜି ସଙ୍କଟ




ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତୀୟ ପତାକା ବିଶିଷ୍ଟ ଏଲପିଜି ଟ୍ୟାଙ୍କର୍ ଶିବାଲିକ୍ ଏଲପିଜି କ୍ୟାରିଅର ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ଜାହାଜଟି ହର୍ମୁଜରୁ ସୁରକ୍ଷିତ ଭାବରେ ପାର ହୋଇ ଭାରତ ଅଭିମୁଖେ ଯାତ୍ରା କରିଥିଲା, ଯେଉଁଥିରେ ୪୫,୦୦୦ ମେଟ୍ରିକ୍ ଟନରୁ ଅଧିକ ଏଲପିଜି ରହିଛି । ଏହା ମଧ୍ୟରୁ ମୁନ୍ଦ୍ରା ବନ୍ଦରରେ ଶିବାଲିକ ଜାହାଜରୁ ଏଲପିଜି ଗ୍ୟାସ୍ ଅନଲୋଡ କରାଯିବ । ଏହା ଦେଶରେ ଜାରି ରହିଥିବା ଏଲପିଜି ଯୋଗାଣ ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ । ଇରାନ-ଇସ୍ରାଏଲ ବିବାଦ ଯୋଗୁଁ, ହର୍ମୁଜରେ ଅନେକ ଜାହାଜ ଫସି ରହିଥିଲା । ଭାରତ ସରକାରଙ୍କ ନିରନ୍ତର କୂଟନୈତିକ ପ୍ରୟାସ ପରେ, ଦୁଇଟି ଭାରତୀୟ ଏଲପିଜି ଜାହାଜକୁ ଯିବାକୁ ଅନୁମତି ମିଳିଥଲା । ଏହି ଜାହାଜଗୁଡ଼ିକ ମଧ୍ୟରୁ ପ୍ରଥମ ଶିବାଲିକ୍ ଏବେ ମୁନ୍ଦ୍ରା ବନ୍ଦରରେ ଅପରାହ୍ନ ୫ଟାରେ ପହଞ୍ଚିଛି । ଏଥିରେ ୪୬ ହଜାର ମାଟ୍ରିକ ଟନର ଏଲପିଜି ରହିଛି। ଦ୍ୱିତୀୟ ଜାହାଜ ନନ୍ଦା ଦେବୀ ମାର୍ଚ୍ଚ ୧୭ ତାରିଖରେ କାଣ୍ଡଲା ବନ୍ଦରରେ ପହଞ୍ଚିବ। ବର୍ତ୍ତମାନ୍ ପର୍ଯ୍ୟନ୍ତ ଗୋଟିଏ ଜାହାଜ ପହଞ୍ଚିଛି । ହରମୁଜ୍ ପ୍ରଣାଳୀର ପଶ୍ଚିମରେ ଅବସ୍ଥିତ ପାରସିଆନ୍ ଉପସାଗରରେ ୨୪ଟି ଭାରତୀୟ ପତାକା ଜାହାଜ ଥିଲା । ଏଥିମଧ୍ୟରୁ ଦୁଇଟି ଜାହାଜ – ଶିବାଲିକ୍ ଏବଂ ନନ୍ଦା ଦେବୀ ଏଲପିଜି ବାହକ । ଏହି ଜାହାଜ ଗୁଡ଼ିକ ପ୍ରାୟ ୯୨, ୭୦୦ ମେଟ୍ରିକ୍ ଟନ୍ ଏଲପିଜି ବହନ କରୁଛନ୍ତି ।


## ଦିଲ୍ଲୀକୁ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ବିମାନ ଆର୍ୟଲାଣ୍ଡରେ ଜରୁରୀ ଅବତରଣ



ନୂଆଦିଲ୍ଲୀ : ନ୍ୟୁୟର୍କରୁ ଦିଲ୍ଲୀ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆର୍ୟଲାଣ୍ଡରେ ଜରୁରୀ ଅବତରଣ କରିଛି । ଏୟାର ଇଣ୍ଡିଆ ବିମାନ ନ୍ୟୁୟର୍କରୁ ଦିଲ୍ଲୀକୁ ଉଡ଼ାଣ ଭରିଥିଲା । ବିମାନଟି ସ୍ଥାନୀୟ ସମୟ ଭୋର୍ ୪:୩୦ ରେ ଶାନନ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା । ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କର୍ମଚାରୀ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି । ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି, ମାର୍ଚ୍ଚ ୧୫ ତାରିଖରେ, ଏକ ଯାନ୍ତ୍ରିକ ସମସ୍ୟା ଯୋଗୁଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନ ଏଆଇ-୧୦୨ କୁ ଆୟର୍ଲାଣ୍ଡର ଶାନନକୁ ସ୍ଥାନାନ୍ତର କରାଯାଇଥିଲା । ବିମାନଟି ସ୍ଥାନୀୟ ସମୟ ଭୋର୍ ୪:୩୦ ରେ ଶାନନ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା । ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କର୍ମଚାରୀ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି । ଏୟାରଲାଇନ ପକ୍ଷରୁ କୁହାଯାଇଛି ଯେ, ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖିତ । ଆମେ ଆମର ଯାତ୍ରୀ ଏବଂ କର୍ମଚାରୀଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ଶାନନ୍ ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଏଜେନ୍ସିଗୁଡ଼ିକ ସହିତ ଯୋଗାଯୋଗରେ ରହିଛନ୍ତି । ସେପଟେ ଥିରୁଅନନ୍ତପୁରମରୁ ଦୁବାଇ ଯିବାକୁ ଥିବା ଏମିରେଟ୍ସ ବିମାନ ଉଡ଼ାଣ ଦୁବାଇ ବିମାନବନ୍ଦର ପରିସ୍ଥିତି ଜାଣିବା ପରେ ଅଧାରୁ ଫେରିଆସିଥିବା ସୂଚନା ମିଳିଛି ।

## ଖବଭୟଙ୍କକ୍ଷସୟର ସଭ କସଙ୍କଙ୍ଗଙବୟ: କିସ୍ତୱାଡ଼ରେ ଭୂସ୍ଖଳନରେ ଜଣେ ମୃତ; ୨୩୫ ଜଣଙ୍କୁ ଉଦ୍ଧାର

ଜମ୍ମୁ: ଜମ୍ମୁ ଓ କାଶ୍ମୀରର କିସ୍ତୱାଡ଼ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ଏକ ଜଳ ବିଦ୍ୟୁତ ପ୍ରକଳ୍ପ ନିକଟରେ ଭୂସ୍ଖଳନ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଜମ୍ମୁ ଓ କାଶ୍ମୀରରେ ବର୍ଷା ସହିତ ପ୍ରବଳ ତୁଷାରପାତ ଲାଗି ରହିଛି। ତୁଷାରପାତ ଭିତରେ ସିନ୍ଥନ ପାହାଡ଼ ଶୀର୍ଷରେ ଫସି ରହିଥିବା ମହିଳା ଓ ଶିଶୁଙ୍କ ସମେତ ୨୩୫ ଜଣଙ୍କୁ ଉଦ୍ଧାର କରାଯାଇଛି। ପ୍ରତିକୂଳ ପାଗ ଯୋଗୁଁ କିସ୍ତୱାଡ଼ ମ୍ୟୁନିସିପାଲଟି ଓ ନିକଟବର୍ତ୍ତୀ ଡୋଡା ଜିଲ୍ଲାରେ ସୋମବାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । କିସ୍ତୱାଡ଼ ଜିଲ୍ଲାର ଦାଙ୍ଗଡୁରୁଠାରେ ଥିବା । ଜଳବିଦ୍ୟୁତ ପ୍ରକଳ୍ପ



ନିକଟରେ ରବିବାର- ସୋମବାର ରାତିରେ ଭୂସ୍ଖଳନ ହୋଇଥିଲା। ଦୁଇ ଜଣ ଶ୍ରମିକ ଭୂସ୍ଖଳନ ଯୋଗୁଁ ସେଠାରେ ଫସି ଯାଇଥିଲେ। ଜଣେ ଶ୍ରମିକଙ୍କୁ ଆହତାବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନ୍ୟ ଜ ?ଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।ଅନ୍ୟ ଏକ ଘଟଣାରେ ଜମ୍ମୁ ଅଞ୍ଚଳର କିସ୍ତୱାଡ଼କୁ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲା ସହିତ ସଂଯୋଗ କରୁଥିବା ସିନ୍ଥନ ପାହାଡ଼ ଶୀର୍ଷରେ ପ୍ରବଳ ତୁଷାରପାତ ଯୋଗୁଁ ଅନେକ ଯାତ୍ରୀ ଫସି ରହିଥିଲେ। ୩୮ଟି ଗାଡ଼ିରେ ଯାଇଥିବା ୨୩୫ ଜଣ ଯାତ୍ରୀଙ୍କୁ ପୁଲିସ, ସେନା ଏବଂ ନାଗରିକ ପ୍ରଶାସନର ମିଳିତ ଉଦ୍ଧାର ଅଭିଯାନରେ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି।

# ଗ୍ୟାସ୍ ସଙ୍କଟ: କାମଧନ୍ଦା ହରାଇ ଜନ୍ମମାଟିକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଏଲ୍ ?ପିଜି ସଙ୍କଟ ଦେଖାଦେଇଛି । ଏହା ଦେଶର ସେହି ଅଣସଂଗଠିତ ବର୍ଗ ଉପରେ ପୁଣି ଏକ ଶକ୍ତ ପ୍ରହାର କରିଛି ଯେଉଁମାନେ ନିଜ କାମଧନ୍ଦା ପାଇଁ ନିଜ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଗ୍ୟାସ୍ ମିଳୁନଥିବାରୁ ସେମାନ କାମ କରୁଥିବା କାରଖାନାଗୁଡ଼ିକ ଧୀରେ ଧୀରେ ବନ୍ଦ ହେବାରେ ଲାଗିଛି । କେବେ କାରଖାନା ଖୋଲିବ ତାହାର ମଧ୍ୟ କେଉଁଣସି ସ୍ୱଷ୍ଟ ସୂଚନା ନାହିଁ। ତେଣୁ ଅଳ୍ପ ରୋଜଗାର କରୁଥିବା ଏହି ଶ୍ରମିକମାନେ ପୁଣି ଥରେ ନିଜ ଜନ୍ମାମାଟିକୁ ଫେରିବା ଆରମ୍ଭ କରିଛନ୍ତି । ଏହା ୨୦୨୦ର କୋଭିଡ୍ ମହାମାରୀ ସମୟର ସ୍ମୃତିକୁ ତାଜା କରିଛି। ଯଦିଓ ସେହି ସମୟ ଭଳି ଯାତାୟାତ କଟକଣା ଏଥର ନାହିଁ, କିନ୍ତୁ କାମଧନ୍ଦା ନଥିବାରୁ ଘରକୁ ଫେରିବା ଛଡ଼ା ସେମାନଙ୍କ ପାଖରେ ଆଉ କେଉଁଣସି ବାଟ ନାହିଁ। ଭାରତୀୟ ଅଟୋ ଉପକରଣ ନିର୍ମାତା ସଂଘ (ଏସିଏମ୍ଏ) ଅନୁସାରେ କାରଖାନାଗୁଡ଼ିକରେ କାମ କରୁଥିବା ଶ୍ରମିକମାନେ ଘରେ ଛୋଟ ଗ୍ୟାସ୍ ସିଲିଣ୍ଡରରେ ରୋଷେଇ କରୁଥିଲେ। ଆଉ ଗ୍ୟାସ୍ ମିଳୁନଥିବାରୁ ସେମାନେ ଭୋଜନ ପ୍ରସ୍ତୁତ କରିପାରୁନାହାନ୍ତି। ପ୍ରଦୂଷଣ ଭୟରେ ସେମାନେ କାଠ ବି ଜାଳି ପାରୁନାହାନ୍ତି। ଶିଳ୍ପାଞ୍ଚଳଗୁଡ଼ିକରେ ଥିବା କ୍ୟାଣ୍ଟିନଗୁଡ଼ିକ ମଧ୍ୟ ଗ୍ୟାସ୍ ଅଭାବରୁ ବନ୍ଦ ହୋଇଗଲାଣି। ସେଥିପାଇଁ ବହୁ ଶ୍ରମିକ ନିଜ ଭିଟାମାଟି ଫେରିବାକୁ ବାଧ୍ୟ ହେଉଛନ୍ତି। ଘରୋଇ ଗ୍ରାହକଙ୍କ ଏଲ୍ପିଜି ଅଭାବ ଦୂର କରିବା ପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ଏଲ୍ପିଜି ଉପରେ କଟକଣା ଲଗାଇଛନ୍ତି। ସେଥିପାଇଁ ଶିଳ୍ପ କାରଖାନାଗୁଡ଼ିକରେ ଆବଶ୍ୟକ ପରିମାଣର ସିଲିଣ୍ଡର ପହଞ୍ଚିପାରୁନାହିଁ। ଇନ୍ଧନ ଅଭାବରୁ କାରଖାନାରେ କାମ ହୋଇପାରୁନାହିଁ। ଏହାର ସର୍ବାଧିକ ପ୍ରଭାବ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଉପରେ ପଡ଼ିଛି। ଜାଳେଣି ଅଭାବରୁ ସେମାନେ କାରଖାନା ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ସେଥିରେ କାମ କରୁଥିବା ଶ୍ରମିକମାନେ ବିନା କାମରେ ଘରକୁ ଫେରିବା ପାଇଁ ବାଧ୍ୟ ହେଉଛନ୍ତି।

## ଏପ୍ରିଲ ୧ରୁ ମହଙ୍ଗା ହେବ ବାର୍ଷିକ ଟୋଲ୍ ପାସ୍




ନୂଆଦିଲ୍ଲୀ : ହାଇୱେରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର । ଆସନ୍ତା ଏପ୍ରିଲ ୧ ତାରିଖରୁ ଜାତୀୟ ରାଜପଥ ଦେଇ ଯାତ୍ରା କରିବା ଆହୁରି ମହଙ୍ଗା ହେବାକୁ ଯାଉଛି । ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଘଐଇଓ) ପକ୍ଷରୁ ବାର୍ଷିକ ଟୋଲ୍ ପାସ୍ ଏବଂ ଟୋଲ୍ ଟିକସରେ ସଂଶୋଧନ କରାଯାଉଛି । ଘଐଇଓ ବାର୍ଷିକ ପାସ୍ ଫି ୩,୦୦୦ ଟଙ୍କାରୁ ୩,୦୭୫ ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଏହି ନୂତନ ହାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଯୁଜ୍ୟ ହେବ । ତେବେ ଏହି ପାସ୍ ବ୍ୟକ୍ତିଗତ ବାହନ ପାଇଁ ହୋଇଥାଏ ଯେଉଁଥିରେ ବୈଧ କିମ୍ବା କାର୍ଯ୍ୟକ୍ଷମ ଋଇଝଞବଶ ଲାଗିଥାଏ । ବର୍ତ୍ତମାନ ବ୍ୟକ୍ତିଗତ ଗାଡ଼ି ପାଇଁ ଉଦ୍ଦିଷ୍ଟ ଋଇଝଞବଶ ଇଭଭଙ୍କବକ୍ଷ ଚବଶ୍ବଶ୍ବ ର ମୂଲ୍ୟ ୩,୦୦୦ ଟଙ୍କା ରହିଛି । କିନ୍ତୁ ଏପ୍ରିଲ ୧ ରୁ ଏହାର ମୂଲ୍ୟ ୨.୫% ବୃଦ୍ଧି ପାଇ ୩,୦୭୫ ଟଙ୍କା ହେବ । ନୂଆ ନିୟମ ଅନୁସାରେ ୩୦୭୫ ଟଙ୍କାର ଏହି ପାସ୍ ଗୋଟିଏ ବର୍ଷ କିମ୍ବା ୨୦୦ ଥର ଟୋଲ୍ କ୍ରସିଂ କରିବା ପରେ ବୈଧ ହେବ । ଏ ଭିତରୁ ଯାହା ପ୍ରଥମେ ପୂରା ହେବ ତାହା ହିଁ ଲାଗୁ ହେବ । ଯାହାର ଅର୍ଥ ହେଉଛି ଯଦି ଆପଣ ୨୦୦ ଥର ଟୋଲ୍ କ୍ରସିଂ ପାର କରନ୍ତି ତେବେ ପାସର ସମୟସୀମା ଶେଷ ହୋଇଯିବ । ଯଦିଓ ଗୋଟିଏ ବର୍ଷ ଅବଧି ଅତିକ୍ରମ ହୋଇନାହିଁ ତଥାପି ଏହା ଅବୈଧ ହୋଇଯିବ । ତେବେ ପ୍ରତିବର୍ଷ ଏପ୍ରିଲ ୧ ତାରିଖରୁ ଟୋଲ୍ ରେଟ୍ ପରିବର୍ତ୍ତନ କରିଥାଏ । ଏହା ମୁଖ୍ୟତଃ (ଡଚଓ) ବା ହୋଲସେଲ୍ ମୁଦ୍ରାସ୍ଫୀତି ଉପରେ ଆଧାରିତ । ସାଧାରଣତଃ ଏହି ବୃଦ୍ଧି ୩% ରୁ ୫% ମଧ୍ୟରେ ରହିଥାଏ ଯାହା ରାସ୍ତା ରକ୍ଷଣାବେକ୍ଷଣ ଏବଂ ନୂତନ ପ୍ରକଳ୍ପ ପାଇଁ ବ୍ୟବହୃତ ହୁଏ । ତେବେ ସରକାର ଏପ୍ରିଲ ପହିଲାରୁ ଟୋଲ୍ ପ୍ଲାଜାରେ ନଗଦ ଟଙ୍କା ଦେଣନେଣ ବନ୍ଦ କରିବାକୁ ଯୋଜନା କରୁଛନ୍ତି । ଏବେ କେବଳ ଋଇଝଞବଶ ଏବଂ ଟଚଓ ମାଧ୍ୟମରେ ପେମେଣ୍ଟ କରାଯିବ ।

## ଦୁବାଇ ଆନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଡ୍ରୋନ୍ ଆଟାକ୍, ସମସ୍ତ ଉଡ଼ାଣ ରଦ୍ଦ



ଦୁବାଇ : ଆମେରିକା-ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବ ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି । ସୋମବାର ସକାଳୁ ସକାଳୁ ଦୁବାଇ ଆନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ବଡ଼ ଧରଣର ଡ୍ରୋନ୍ ଆଟାକ୍ ହୋଇଛି । ଏହି ଆକ୍ରମଣରେ ଏୟାରପୋର୍ଟ ନିକଟରେ ଥିବା ଏକ ଇନ୍ଧନ ଟ୍ୟାଙ୍କରେ ଭୟଙ୍କର ବିସ୍ଫୋରଣ ହୋଇଛି । ଫଳରେ ଚାରିଆଡେ ଆତଙ୍କ ଖେଳି ଯାଇଛି । ରନୱେରେ ବିମାନ ଗୁଡିକ ଅଟକି ରହିଛି । ଘଟଣା ସ୍ଥଳରେ ଉଦ୍ଧାରକାରୀ ଟିମ୍ ତୁରନ୍ତ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି । ସୋସିଆଲ ମିଡିଆରେ ବିସ୍ଫୋରଣର ଭିଡିଓ ଭାଇରଲ ହେଉଛି। ଆକ୍ରମଣ ପରେ ଦୁବାଇ ଏୟାରପୋର୍ଟରେ ବିମାନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ଦୁବାଇ ମିଡିଆ ଅଫିସର ସୂଚନା ଅନୁଯାୟୀ, ଘଟଣାସ୍ଥଳରେ ସିଭିଲ୍ ଡିଫେନ୍ସ ଟିମ୍ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି । ତେବେ ଏଯାଏଁ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ । ୟୁଏଇର ତିନୋଟି ପ୍ରମୁଖ ବନ୍ଦର ଖାଲି କରିବାକୁ ଇରାନ ଚେତାବନୀ ଦେବାର ଠିକ୍ ୨୪ ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି । ଏହା ପୂର୍ବରୁ ମଧ୍ୟ ମାର୍ଚ୍ଚ ୧ ଓ ମାର୍ଚ୍ଚ ୭ ତାରିଖରେ ଦୁବାଇ ଏୟାରପୋର୍ଟ ଏବଂ ପ୍ରସିଦ୍ଧ ବୁର୍ଜ ଅଲ୍ ଆରବ ହୋଟେଲ ଉପରେ ଆକ୍ରମଣ ହୋଇଥିଲା ।


## ଶାଶୁ-ଶଳାଙ୍କୁ ଛୁରୀ ଭୁସିଲେ ଜ୍ୱାଇଁ

ଲକକ୍ଷ୍ନୌ, ୧୬।୩: ଉତ୍ତରପ୍ରଦେଶ ବରେଲି ଜିଲାର ଇଜ୍ଜତନଗର ପୋଲିସ ଷ୍ଟେସନ ଅଞ୍ଚଳର ରାହପୁରା ଚୌଧୁରୀ ଅଞ୍ଚଳରେ ସୋମବାର ଏକ ପାରିବାରିକ ବିବାଦର ସମାଧାନ ପାଇଁ ଏକ ବୈଠକ ବସିଥିଲା । ହେଲେ ଜ୍ୱାଇଁ ହଠାତ୍ କ୍ରୋଧିତ ହୋଇ ତାଙ୍କ ଶାଶୁ ଏବଂ ଶଳାଙ୍କୁ ଛୁରୀ ଭୁସି ହତ୍ୟା କଲେ । ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଏହି ସମୟରେ, ତାଙ୍କ ପତ୍ନୀ ହସ୍ତକ୍ଷେପ କରିବାକୁ ଯାଇ ସେ ମଧ୍ୟ ଆହତ ହୋଇଲେ । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରିପୋର୍ଟ ଅନୁଯାୟୀ, ରାହପୁରା ଚୌଧୁରୀର ବାସିନ୍ଦା ୩୫ବର୍ଷୀୟ ଅଫସର ଖାନ ଓରଫ 'ବାଉରା' ତାଙ୍କ ପତ୍ନୀ ୩୦ ବର୍ଷୀୟ ସାଇମା ଖାନଙ୍କ ସହିତ ଦୀର୍ଘ ଦିନ ଧରି ଘରୋଇ ବିବାଦ ଲାଗି ରହିଥିଲା । ଫଳରେ ସାଇମା ପ୍ରାୟ ଗତ ପାଞ୍ଚ ଦିନ ଧରି ତାଙ୍କ ବାପାମାଆଙ୍କ ଘରେ ରହୁଥିଲେ। ଏହି ବିବାଦର ସମାଧାନ ପାଇଁ, ସୋମବାର ଦିନ ଦୁଇ ପରିବାର ମଧ୍ୟରେ ଆଲୋଚନା ପାଇଁ ଏକ ବୈଠକ ଡକାଯାଇଥିଲା । ଯେଉଁଥିରେ ଉଭୟ ପକ୍ଷର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଯୁଦ୍ଧ ବନ୍ଦ ହେବ ନାହିଁ,ଆମକୁ ଦେଶର ମାନ୍ୟତା ଦେଉନଥିଲା ଇରାନ: ଇସ୍ରାଏଲ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ: ତୈଳ ଏବଂ ଗ୍ୟାସ୍ ସଙ୍କଟ ସମ୍ପର୍କରେ ଭାରତରେ ଅବସ୍ଥାପିତ ଥିବା ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର କହିଛନ୍ତି, ଏହି ସମସ୍ୟା ଛୋଟ; ଆମେ ବିଶ୍ୱକୁ ଏକ ବଡ଼ ସଙ୍କଟରୁ ରକ୍ଷା କରିଛୁ। ଇରାନ ଭବିଷ୍ୟତରେ ପଶ୍ଚିମ ଏସିଆକୁ ଧ୍ୱଂସ କରିଥାନ୍ତା। ତେଣୁ, ଆଜି ଆମେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛୁ ତାହା ଆମେ ରୋକିବାକୁ ଚେଷ୍ଟା କରୁଥିବା ଭବିଷ୍ୟତର ସମସ୍ୟା ଅପେକ୍ଷା ଛୋଟ। ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଯୋଗୁ ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ଘୋଷଣା କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ୱଷ୍ଟ କରିଛନ୍ତି, ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନି। କେବଳ ଶତ୍ରୁ ଏବଂ ସେମାନଙ୍କର ସହଯୋଗୀଙ୍କ ଜାହାଜ ଏବଂ ଟ୍ୟାଙ୍କର ପାଇଁ ଏହା ବନ୍ଦ ରହିଛି। ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର କହିଛନ୍ତି , ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନର କ୍ଷେପଣାସ୍ତ୍ର କ୍ଷମତାକୁ ନଷ୍ଟ କରିବା ପାଇଁ ଏହି ଅଭିଯାନ ଆରମ୍ଭ କରିଥିଲେ। ଆମେରିକା ପ୍ରଥମେ କୂଟନୀତି ଚେଷ୍ଟା କରିଥିଲା, କିନ୍ତୁ ଇରାନ ମନା କରିଦେଇଥିଲା। ଇରାନ ଶାସନ ବର୍ତ୍ତମାନ ଚାରିଟି ମଧ୍ୟପ୍ରାଚ୍ୟ ଦେଶର ରାଜଧାନୀକୁ ନିୟନ୍ତ୍ରଣ କରୁଛି ।ଯଦି ଏହି ପରମାଣୁ-ସଶସ୍ତ୍ର ଶାସନକୁ ବନ୍ଦ କରାଯାଇ ନଥାନ୍ତା ତେବେ ସମଗ୍ର ଆରବ କ୍ଷେତ୍ର ବଡ଼ ବିପଦରେ ପଡ଼ିଥାନ୍ତା।

ଇସ୍ରାଏଲର ମୃତାହତ ଏବଂ ଆକ୍ରମଣ ସମ୍ପର୍କରେ, ରୁଭେନ ଆଜାର କହିଛନ୍ତି ଯେ,ଇସ୍ରାଏଲ ଜୁନ୍ ୨୦୨୫ ତୁଳନାରେ ଏଥର କମ୍ କ୍ଷତି ସହିଛି। ତଥାପି, ଇରାନ ଅଧିକ କ୍ଷେପଣାସ୍ତ୍ର ମାଡ଼ କରୁଛି। ଏପରିକି କ୍ଲଷ୍ଟର ବୋମା ମାଡ଼ କରାଯାଉଛି। ଏପର୍ଯ୍ୟନ୍ତ ୧୩ ଜଣ ଇସ୍ରାଏଲ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ କିଛି ଆହତ ହୋଇଛନ୍ତି। ଇରାନ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୧୦ଟି କ୍ଷେପଣାସ୍ତ୍ର ମାଡ଼ କରୁଛି। ଆମେ ନିଶ୍ଚିତ ଯେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବ। ଇସ୍ରାଏଲ କିମ୍ବା ଆମେରିକା ଇରାନ ଉପରେ ସ୍ଥଳ



ଆକ୍ରମଣ କରିବାକୁ ଚାହୁଁନାହାନ୍ତି, କିନ୍ତୁ ସେ କହିଛନ୍ତି ଆମେ ଏପରି ପରିସ୍ଥିତି ସୃଷ୍ଟି କରୁଛୁ ଯାହା ଇରାନକୁ ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ କରିବ। ଇରାନର ଶକ୍ତି ଭିତ୍ତିଭୂମି ସୁରକ୍ଷିତ ରହିଛି। ଆମେ ଇରାନର ଶୀର୍ଷ ନେତୃତ୍ୱକୁ ଟାର୍ଗେଟ କରିଛୁ, କିନ୍ତୁ ସେମାନେ ପ୍ରାୟତଃ ସାଧାରଣ ନାଗରିକଙ୍କ ମଧ୍ୟରେ ଲୁଚି ରହୁଛନ୍ତି। ରୁଭେନ ଆଜାର କହିଛନ୍ତି, ଇସ୍ରାଏଲ ସବୁବେଳେ ଆଲୋଚନା କରିବାକୁ ଚାହୁଁଥିଲା, କିନ୍ତୁ ଇରାନ ଆମକୁ ଏକ ଦେଶ ଭାବରେ ମଧ୍ୟ ମାନ୍ୟତା ଦେଉନାହିଁ। ଏପରିସ୍ଥଳେ ଆମେ କିପରି କଥାବାର୍ତ୍ତା କରିବୁ? ଆମେ ୩୦ ବର୍ଷ ଧରି ଚେଷ୍ଟା କରିଥିଲୁ। ଆମେ ମିଶର, ଜୋର୍ଡାନ ଏବଂ ଆବ୍ରାହମ ଚୁକ୍ତି ଦେଶମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲୁ, କିନ୍ତୁ ଇରାନ ସହିତ ଆଲୋଚନାର ସମସ୍ତ ରାସ୍ତା ବନ୍ଦ ହୋଇଯାଇଥିଲା। ଯାହା ଫଳରେ ଆମକୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିଲା। ଏହି କାର୍ଯ୍ୟ ସମାପ୍ତ ହେବା ପରେ, ଆମେ କୂଟନୀତିକୁ ଫେରିପାରିବୁ। ଜୁନ୍ ୨୦୨୫ ପରେ, ଇରାନ ଅନ୍ତର୍ଜାତୀୟ ସ୍ତରରେ ସହଯୋଗ କରିବା ପରିବର୍ତ୍ତେ, ଭୂଗର୍ଭରେ ନିଜର ପରମାଣୁ ଏବଂ କ୍ଷେପଣାସ୍ତ୍ର କ୍ଷମତାକୁ ବିସ୍ତାର କରିଥିଲା। ଯାହା ଫଳରେ ସମାରିକ ପଦକ୍ଷେପ ଜରୁରୀ ହୋଇପଡ଼ିଥିଲା। ତେବେ ଆମେ ଏକ ସରୁନଥିବା ଅନନ୍ତ ଯୁଦ୍ଧ ଚାହୁଁନାହୁଁ। ଇରାନ ରାଷ୍ଟ୍ରପତିଙ୍କ ବକ୍ତବ୍ୟ ସମ୍ପର୍କରେ ସେ କହିଛନ୍ତି ଯେ, ଇରାନ ସର୍ତ୍ତାବଳୀ ଲଗାଇବା ସ୍ଥିତିରେ ନାହିଁ। ଇରାନ ରାଷ୍ଟ୍ରପତିଙ୍କ କଥା ବାସ୍ତବତାଠାରୁ ବହୁ ଦୂରରେ। ରାଷ୍ଟ୍ରପତି କହିଥିଲେ ପଡ଼ୋଶୀ ଦେଶ ଉପରେ ଆକ୍ରମଣ କରିବେ ନାହିଁ, କିନ୍ତୁ ଆକ୍ରମଣ ଘଟୁଛି। ରୁଭେନ ଆଜାର କହିଛନ୍ତି ଯେ ଦୁବାଇ ଷ୍ଟକ୍ ଏକ୍ସଚେଞ୍ଜ ଏକ ସାମରିକ ଘାଟି ନୁହେଁ, ତେଣୁ ଏହାକୁ ଟାର୍ଗେଟ କରିବାର ଅର୍ଥ କ''''ଣ ? ଇରାନ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କଲେ ହିଁ ଯୁଦ୍ଧ ବନ୍ଦ ହେବ। ସେ କହିଛନ୍ତି ଇରାନ ୨୦୨୭ ସୁଦ୍ଧା ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ଏକ ଯୋଜନା ପ୍ରସ୍ତୁତ କରିଥିଲା। ଆମେ ଏହି ପରିସ୍ଥିତିରେ ଯାହା ଠିକ୍ ତାହା କରିଛୁ ବୋଲି ସେ କହିଛନ୍ତି।

# ଅଭ୍ୟାସ ଆରମ୍ଭ କଲା ମୁମ୍ବାଇ ଇଣ୍ଡିଆନ୍ସ





ମୁମ୍ବାଇ, ୧୬/୦୩: ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବ ଆଇପିଏଲ୍‌ର ୧୯ତମ ସଂସ୍କରଣ । ପ୍ରତିଯୋଗିତାର ସବୁଠୁ ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ ନୂଆ ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଦଳର ପ୍ରମୁଖ ସଦସ୍ୟମାନେ ନୂଆଦିଲ୍ଲୀରେ ବିସିସିଆଇର ବାର୍ଷିକ ପୁରସ୍କାର ଉତ୍ସବରେ ଯୋଗ ଦେଇଛନ୍ତି । ଏପଟେ ଦଳର ଅନ୍ୟ ଘରୋଇ ଖେଳାଳିମାନେ ୱାଙ୍ଖେଡ ଷ୍ଟାଡିୟମ୍‌ରେ ଏକତ୍ରିତ ହୋଇଛନ୍ତି । ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ ଦଳର ପ୍ରସ୍ତୁତି ଶିବିର ପରିଚାଳନା କରୁଛନ୍ତି ।

ସୂଚନା ଅନୁଯାୟୀ, ରବିବାର ମୟଙ୍କ ମାର୍କଣ୍ଡେ, ରଘୁ ଶର୍ମା, ନମନ ଧିର, ଡାନିଶ ମାଲେୱାର ପ୍ରମୁଖ ଦଳରେ ଯୋଗ ଦେଇଥିଲେ । ମାର୍କଣ୍ଡେ ଗତ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ । ରଘୁ ଶର୍ମା ନବାଗତ ଭାବେ ଏଥର ଦଳରେ ସ୍ଥାନ ପାଇଛନ୍ତି । ତାଙ୍କୁ ବିଘ୍ନେଶ ପୁଥୁରଙ୍କ ସ୍ଥାନରେ ସୁଯୋଗ ମିଳିଛି । ନମନ ଧିର ମୁମ୍ବାଇ ଇଣ୍ଡିଆନ୍ସର ପ୍ରମୁଖ ସଦସ୍ୟ । ଗତ ସିଜନରେ ସେ ୧୮୨.୬୦ ଷ୍ଟ୍ରାଇକ ରେଟ୍‌ରେ ୨୫୨ ରନ ସଂଗ୍ରହ କରିଥିଲେ । ଗତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ୮ଟି ମ୍ୟାଚ୍ ଜିତି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା । ମାତ୍ର ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସ ଠାରୁ ପରାଜିତ ହୋଇ ବିଦାୟ ନେଇଥିଲା ।ଆସନ୍ତା ୨୯ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଅଭିଯାନ ଆରମ୍ଭ କରିବ । ପ୍ରଥମ ମ୍ୟାଚ୍‌ରେ ଦଳ କୋଲକାତା ନାଇଟ୍ ରାଇଡର୍ସକୁ ଭେଟିବ । ଜୟପୁରରେ ଅଭ୍ୟାସ, ଗୌହାଟୀରେ ମ୍ୟାଚ୍ ନୂଆ ରୂପରେ ଏଥର ଗ୍ରାଉଣ୍ଡ୍‌କୁ ଓହ୍ଲାଇବାକୁ ଯାଉଥିବା ରାଜସ୍ଥାନ ରୟାଲ୍ସ ଦଳ ମଙ୍ଗଳବାର ଠାରୁ ପ୍ରସ୍ତୁତି ଆରମ୍ଭ କରିବ । ସୱାଇ ମାନସିଂ ଷ୍ଟାଡିୟମ୍‌ରେ ହିଁ ଦଳର ପ୍ରସ୍ତୁତି ଶିବିର ଚାଲିବ । ଏଥର ରିୟାନ ପରାଗ ଦଳର ନେତୃତ୍ୱ ନେଉଛନ୍ତି । ଯଶସ୍ୱୀ ଜୈସ୍ୱାଲ, ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଅନେକ ଯୁବ ଖେଳାଳି ଦଳର ଭାଗ୍ୟ ନିର୍ଦ୍ଧାରଣ କରିବେ । ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟ କ୍ରୀଡାସୂଚୀ ଅନୁଯାୟୀ ରାଜସ୍ଥାନ ରୟାଲ୍ସ ପ୍ରଥମ ୨ଟି ଘରୋଇ ମ୍ୟାଚ୍ ଗୌହାଟୀର ବର୍ଷାପଡା ଗ୍ରାଉଣ୍ଡ୍‌ରେ ଖେଳିବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ସୱାଇ ମାନସିଂ ଷ୍ଟାଡିୟମ୍ ଦଳର ପ୍ରମୁଖ ଘରୋଇ ଗ୍ରାଉଣ୍ଡ । ତେଣୁ ସେଠାରେ ଦଳ ଅଭ୍ୟାସ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । କିଛି ଦିନ ତଳେ ନାଗପୁରରେ ରାଜସ୍ଥାନ ରୟାଲ୍ସର ଏକ ଫିଟ୍‌ନେସ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବୈଭବ, ରବି ବିଷ୍ଣୋଇ, ସନ୍ଦିପ ଶର୍ମାଙ୍କ ସମେତ ରବିନ୍ଦ୍ର ଜାଡେଜା ଯୋଗ ଦେଇଥିଲେ । ମୁଖ୍ୟ କୋଚ୍ କୁମାର ସାଙ୍ଗାକାରା ମଧ୍ୟ ଉପସ୍ଥିତ ଥିଲେ ।

# ଏଲ୍‌ଏଲ୍‌ସିସି ୧୪ବର୍ଷରୁ କମ୍ କ୍ରିକେଟ୍: କ୍ୱାର୍ଟର୍‌ରେ ଏମ୍‌ସିଏ

ଭୁବନେଶ୍ୱର୧୬।୩:: ସ୍ଥାନୀୟ ଆଇଆର୍‌ସି ଭିଲେଜ୍ ପଡିଆଠାରେ ଆରମ୍ଭ ହୋଇଥିବା ପଞ୍ଚମ ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର୍‌ରେ କଟକର ମନୋଜ କ୍ରିକେଟ୍ ଏକାଡେମୀ (ଏମ୍‌ସିଏ) ୨୦୩ ରନ୍‌ର ବଡ ବ୍ୟବଧାନରେ ଏଲ୍‌ଏଲ୍‌ସିସି-ବି'କୁ ପରାସ୍ତ କରି କ୍ୱାର୍ଟର୍‌ଫାଇନାଲ୍‌ରେ ପ୍ରବେଶ କରିଛି । ରବିବାରର ଏହି ଏକତରଫା ମୁକାବିଲାରେ ଏଲ୍‌ଏଲ୍‌ସିସି-ବି' ଟସ୍ ଜିତି ପ୍ରତିପକ୍ଷ ଏମ୍‌ସିଏ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଏହି ନିଷ୍ପତ୍ତି କିନ୍ତୁ ତା' ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା । କେଶିକ କୁମାର ସାହୁ (୧୧୩)ଙ୍କ ଧୂଆଁଧାର ଶତକ ଏବଂ ସାଇ ପ୍ରଜ୍ୟୋତି ଶତପଥୀଙ୍କ ଦ୍ରୁତ ୮୪ ରନ୍ ବଳରେ ଏମ୍‌ସିଏ ୩୫ ଓଭରରେ ମାତ୍ର ୩ ୱିକେଟ୍ ହରାଇ ୩୧୫ ରନ୍‌ର ବଡ ସ୍କୋର୍ କରିଥିଲା । ଜବାବରେ ଏଲ୍‌ଏଲ୍‌ସିସି-ବି' ଦଳ ୨୬.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୯ ରନ୍ କରିପାରିଥିଲା । ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସାଇ ପ୍ରଜ୍ୟୋତି (୮୪ ରନ୍, ୩ ୱିକେଟ୍)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା ।

ମ୍ୟାଚ୍ ପୂର୍ବରୁ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଭୁବନେଶ୍ୱର ଦେଉକୁଦ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଏବଂ ଓଡିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଉତ୍ତରାଖଣ୍ଡର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ରଶ୍ମିରଞ୍ଜନ ପରିଡା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ।

# ୧୪ ବର୍ଷ ପୂର୍ବେ ସଚ୍ଚିନ ରଚ୍ଚିଥିଲେ ଇତିହାସ

ମୁମ୍ବାଇ୧୬।୩:: କ୍ରିକେଟ୍ ଦୁନିଆରେ ଏମିତି କିଛି ମୁହୂର୍ତ୍ତ ଆସେ, ଯାହା ସମୟର ସୀମାକୁ ଅତିକ୍ରମ କରି ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଯାଏ । ୨୦୧୨ ମସିହା ମାର୍ଚ୍ଚ ୧୬ ତାରିଖ ଥିଲା ସେମିତି ଏକ ଐତିହାସିକ ଦିନ । ଆଜିକୁ ଠିକ୍ ୧୪ ବର୍ଷ ପୂର୍ବ, 'କ୍ରିକେଟର ଭଗବାନ' କୁହାଯାଉଥିବା ମାଷ୍ଟର ବ୍ଲାଷ୍ଟର ସଚ୍ଚିନ ତେନ୍ଦୁଲକର ଏଭଳି ଏକ କୀର୍ତ୍ତିମାନ ସ୍ଥାପନ କରିଥିଲେ, ଯାହାର କଳ୍ପନା କୌଣସି କ୍ରିକେଟ ପ୍ରେମୀ କେବେ କରିନଥିବେ । ଏହି ଦିନ ସଚ୍ଚିନ ଅନ୍ତର୍ଜାତୀୟ କ୍ରିକେଟରେ ନିଜର ୧୦୦ତମ ଶତକ ପୂରଣ କରି ଏକ ଅପରାଜେୟ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ ।

ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଅବସରରେ ବାଂଲାଦେଶର ମୀରପୁର ସ୍ଥିତ ଶେର-ଏ-ବାଂଲା ଷ୍ଟାଡିୟମ ଏହି ମହାନ ମୁହୂର୍ତ୍ତର ସାକ୍ଷୀ ପାଲଟିଥିଲା । ବାଂଲାଦେଶ ବିରୋଧରେ ଏକ ଦିନିକିଆ ମ୍ୟାଚ୍‌ରେ ସଚ୍ଚିନ ୧୧୪ ରନର ଏକ ଶାନଦାର ଇନିଂସ ଖେଳି ଏହି ସଫଳତା ହାସଲ କରିଥିଲେ । ଏହା ସଚ୍ଚିନଙ୍କ ଦିନିକିଆ କ୍ୟାରିୟରର ୪୯ତମ ଶତକ ଥିବାବେଳେ, ସେ ପୂର୍ବରୁ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିସାରିଥିଲେ । ଏହିପରି ଭାବେ ସେ ବିଶ୍ୱର ଏକମାତ୍ର ଖେଳାଳି ଭାବେ 'ଶତକର ଶତକ' ଲଗାଇବାର ଗୌରବ ଅର୍ଜନ କରିଥିଲେ ।

ଭାରତୀୟ ଇନିଂସର ୪୪ତମ ଓଭରରେ ସେହି ମହାନ ମୁହୂର୍ତ୍ତ ଆସିଥିଲା, ଯେତେବେଳେ ସଚ୍ଚିନ ବାମହାତୀ ସ୍ପିନର ଶାକିବ ଅଲ ହସନଙ୍କ ବଲରେ ସ୍କୟାର ଲେଗରେ ଏକ ସିଙ୍ଗଲ୍ ନେଇ ନିଜର ୧୦୦ତମ ଶତକ ପୂରଣ କରିଥିଲେ । ଯଦିଓ ସେହି ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା, କିନ୍ତୁ ସଚ୍ଚିନଙ୍କ ଏହି ବ୍ୟକ୍ତିଗତ ସଫଳତା କ୍ରିକେଟ ଜଗତରେ ଏକ କମ୍ପନ ସୃଷ୍ଟି କରିଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୮୯ ରନ୍ କରିଥିଲା, ଯେଉଁଥିରେ ସଚ୍ଚିନଙ୍କ ବ୍ୟତୀତ ବିରାଟ କୋହଲିଙ୍କ ୬୬ ରନର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ବାଂଲାଦେଶ ୪ ବଲ ବାକି ଥାଇ ଏହି ରୋମାଞ୍ଚକର ମ୍ୟାଚ୍‌କୁ ଜିତି ନେଇଥିଲା ।




ସଚ୍ଚିନଙ୍କୁ ୯୯ତମ ଶତକରୁ ୧୦୦ତମ ଶତକରେ ପହଞ୍ଚିବା ପାଇଁ ପ୍ରାୟ ଏକ ବର୍ଷରୁ ଅଧିକ ସମୟ ଏବଂ ଅସୀମ ଧୈର୍ଯ୍ୟର ପରୀକ୍ଷା ଦେବାକୁ ପଡ଼ିଥିଲା । ୧୨ ମାର୍ଚ୍ଚ ୨୦୧୧ରେ ନାଗପୁରଠାରେ ଦକ୍ଷିଣ ଆଫ୍ରିକା ବିରୋଧରେ ସେ ନିଜର ୯୯ତମ ଶତକ ହାସଲ କରିଥିଲେ । ଏହାପରେ ପ୍ରାୟ ୩୩ଟି ଅନ୍ତର୍ଜାତୀୟ ଇନିଂସରେ ସେ ଶତକ ହାସଲ କରିପାରିନଥିଲେ, ଯାହାକୁ ନେଇ ଚର୍ଚ୍ଚା ଓ ସମାଲୋଚନା ମଧ୍ୟ ହୋଇଥିଲା । ଶେଷରେ ବାଂଲାଦେଶ ବିରୋଧରେ ତାଙ୍କର ଏହି ପ୍ରତୀକ୍ଷାର ଅନ୍ତ ଘଟିଥିଲା ଏବଂ ସେ ପ୍ରମାଣ କରିଥିଲେ ଯେ ସେ କାହିଁକି ଅଦ୍ୱିତୀୟ ।

ସଚ୍ଚିନ ନିଜର ୨୪ ବର୍ଷର ଦୀର୍ଘ କ୍ୟାରିୟରରେ ୪୬୩ଟି ଦିନିକିଆ ମ୍ୟାଚ୍‌ରୁ ୧୮,୪୨୬ ରନ୍ କରି ୪୯ ଶତକ ଏବଂ ୨୦୦ଟି ଟେଷ୍ଟ ମ୍ୟାଚ୍‌ରୁ ୧୫,୯୨୧ ରନ୍ କରି ୫୧ ଶତକ ସଂଗ୍ରହ କରିଛନ୍ତି । ସେ ମୋଟ ୬୬୪ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୩୪,୩୫୭ ରନ୍ କରିଛନ୍ତି, ଯାହା ଆଜି ବି ଏକ ଅଭେଦ୍ୟ ବିଶ୍ୱ ରେକର୍ଡ । ନିଜର ଏହି ମହାଶତକ ସମ୍ପର୍କରେ ସଚ୍ଚିନ କହିଥିଲେ, 'ଏହା ଏକ କଷ୍ଟକର ଯାତ୍ରା ଥିଲା । ମୁଁ କେବେ ମାଇଲଷ୍ଟୋନ୍ ପାଇଁ ଖେଳେ ନାହିଁ, କିନ୍ତୁ ଯେତେବେଳେ ଶତକ ହେଉନଥିଲା ମୁଁ ଟିକେ ନିରାଶ ହୋଇଥିଲି । ଯାହା ବି ମୋ ଜୀବନରେ ଘଟିଛି, ସେଥିପାଇଁ ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ ।' ସଚ୍ଚିନଙ୍କ ଏହି ଅଭୁତପୂର୍ବ ରେକର୍ଡ ଆଜି ମଧ୍ୟ କୋଟି କୋଟି ଯୁବ କ୍ରିକେଟରଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିଛି ଏବଂ ଆଗାମୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଏହା ଅତୁଟ ରହିବ ବୋଲି ବିଶ୍ୱାସ କରାଯାଏ ।

# କେକେଆର ମୋତେ ଲିଡର ହେବାର ସୁଯୋଗ ଦେଇଛି : ଗମ୍ଭୀର

ନୂଆଦିଲ୍ଲୀ, ୧୬।୩: ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଆଇପିଏଲ ପୂର୍ବରୁ କେକେଆରକୁ ବଡ଼ ଶ୍ରେୟ ଦେଇଛନ୍ତି । ୨୦୨୪ ଟି-୨୦ ବିଶ୍ୱକପ ବିଜୟ ପରେ ଭାରତର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେଇଥିବା ଗମ୍ଭୀର ୨୦୨୭ ପର୍ଯ୍ୟନ୍ତ ଭାରତୀୟ ଦଳକୁ କୋଚିଂ ଦେବେ । ତେବେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହେବା ପଛରେ କେକେଆର ଭୂମିକା ରହିଥିବା କହିଛନ୍ତି ଗମ୍ଭୀର ।ଗମ୍ଭୀର ଏକ ଇଣ୍ଟରଭିୟୁରେ କହିଛନ୍ତି କି, କେକେଆର ମୋତେ ଲିଡର ହେବାର ସୁଯୋଗ ଦେଇଛି । କେକେଆର ସହ ରହି ମୁଁ ଅନେକ ସଫଳତା ପାଇଛି । କୋଲକାତା ୩ଥର ଆଇପିଏଲ ଟ୍ରଫି ଜିତିଛି । ଯେଉଁଥିରେ ଗମ୍ଭୀରଙ୍କ ଭୂମିକା ରହିଛି । ୨୦୧୨,୨୦୧୪ ଏବଂ ୨୦୨୪ ସିଜିନରେ କେକେଆର ଚାମ୍ପିୟନ ହୋଇଛି । ପ୍ରଥମ ଦୁଇଟି ସିଜିନରେ ସେ ଦଳର ଅଧିନାୟକ ପଦ ସମ୍ଭାଳିଥିବାବେଳେ ୨୦୨୪ ସିଜିନରେ ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ । ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହେବାପରେ ଦଳ ଦୁଇଟି ଆଇସିସି ଟ୍ରଫି ଜିତିଛି । ୨୦୨୫ ଚାମ୍ପିୟନ୍ସ ଟ୍ରଫି ଏବଂ ୨୦୨୬ ଟି-୨୦ ବିଶ୍ୱକପ ମଧ୍ୟ ଦଳ ତାଙ୍କ ପ୍ରଶିକ୍ଷକରେ ଜିତିଛି । ୨୦୨୭ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିଥିବା ତାଙ୍କ ପ୍ରଶିକ୍ଷଣରେ ୨୦୨୭ ଦିନିକିଆ ବିଶ୍ୱକପ ମଧ୍ୟ ଖେଳିବ । ଯଦି ଦଳ ବିଜୟୀ ହୁଏ ତାହେଲେ ତିନୋଟି ଆଇସିସି ଟ୍ରଫି ଜିତିପାରିବେ ।




## ଜାତୀୟ ଯୁବ ଭଲିବଲ୍ ଉଦ୍‌ଘାଟିତ

# ଓଡିଶା ୩-୦ରେ ଛତିଶଗଡକୁ ହରାଇଲା




କନିଷ୍ଟିନ୍ତକୋଇଲି ୧୬।୩:: କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ୨୬ତମ ଜାତୀୟ ଯୁବ ଭଲିବଲ୍ (ପୁରୁଷ ଓ ମହିଳା) ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ଭଲିବଲ୍ ସଂଘ (ଓଭିଏ) ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତରେ ପ୍ରଥମ ଥର ଲାଗି ଏହି ପ୍ରତିଯୋଗିତା ଏକସଙ୍ଗରେ ୬ଟି କୋର୍ଟରେ ଖେଳାଯିବ । ଉଦ୍‌ଘାଟନୀ ଦିବସରେ ଆୟୋଜକ ଓଡିଶା ଏକତରଫା ଭାବେ ୩-୦ (୨୫-୧୪, ୨୫-୧୪, ୨୫-୨୧)ରେ ଛତିଶଗଡକୁ ହରାଇବା ଏହାକୁ ଅଧିକ ସ୍ୱତନ୍ତ୍ର କରିଛି ।ରବିବାର କିଟ୍, କିସ ଓ କିମ୍ସ ପ୍ରତିଷ୍ଠାତା ତଥା ଭାରତୀୟ ଭଲିବଲ୍ ମହାସଂଘର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର୍ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାର ଶୁଭଉଦ୍‌ଘାଟନ କରିଥିଲେ । ଭାରତୀୟ ଭଲିବଲ୍ ମହାସଂଘର ସଭାପତି ବୀରେନ୍ଦ୍ର କନୱର, ମହାସଚିବ ରାମାନନ୍ଦ ଚୌଧୁରୀ, ଓଭିଏର ସାଧାରଣ ସଂପାଦକ ଡ. ଗଗନେନ୍ଦୁ ଦାସ, କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଭାରତୀୟ ଭଲିବଲ୍ ପାଇଁ ଅତୁଳନୀୟ ଅବଦାନ ଲାଗି ଶ୍ରୀ କନୱର ଓ ଶ୍ରୀ ଚୌଧୁରୀଙ୍କୁ ଶ୍ରୀ ସାମନ୍ତ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ୨୬ ବାଳକ ଏବଂ ୨୪ ବାଳିକା ଦଳ ସହ ମୋଟ ୧୨୦୦ ଖେଳାଳି, ଅଧିକାରୀ ଓ ରେଫରି ଅଂଶଗ୍ରହଣ କରୁଛନ୍ତି ।

# କାବ୍ୟାଙ୍କ ଉପରେ ବର୍ଷିଲେ ଗାଭାସ୍କର

ନୂଆଦିଲ୍ଲୀ୧୬।୩: : ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ଲିଟିଲ ମାଷ୍ଟର ଭାବେ ଜଣାଶୁଣା ସୁନୀଲ ଗାଭାସ୍କର ସନରାଇଜର୍ସ ହାଇଦ୍ରାବାଦର ମାଲିକାଣି କ୍ୟାବାଙ୍କ ଉପରେ ବର୍ଷିଛନ୍ତି । ଇଂଲଣ୍ଡର ଦି ହଣ୍ଡ୍ରେଡରେ ସନରାଇଜର୍ସ ଲିଡ୍ସର ମାଲିକାଣି ଥିବା କାବ୍ୟା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କୁ ଦଳରେ ସାମିଲ କରିବା ପରେ ଭାରତରେ ସମାଲୋଚନାର ଶିକାର ହେଉଛନ୍ତି । ଯେଉଁଥିରେ ସାମିଲ ହୋଇଛନ୍ତି ଗାଭାସ୍କର । ସେ ମିଡ୍-ଡେ'ରେ ଏକ ସ୍ତମ୍ଭ ଲେଖିଛନ୍ତି । ଯେଉଁଥିରେ ସେ କାବ୍ୟାଙ୍କୁ କଡ଼ା ସମାଲୋଚନା କରିଥିବା ଦେଖିବାକୁ ମିଳିଛି । ଗାଭାସ୍କର ନିଜର ସ୍ତମ୍ଭରେ ଲେଖିଛନ୍ତି କି, ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲିଥିବା ଘଟଣାବଳୀକୁ ଭୁଲିଗଲେ କି କାବ୍ୟା ୨୦୦୮ ମସିହାର ମୁମ୍ବାଇ ଆକ୍ରମଣ ଘଟଣା ପରେ ପାକିସ୍ତାନୀ ଖେଳାଳିଙ୍କୁ ଆଇପିଏଲ ବ୍ୟାନ୍ ହୋଇଛି । ଏହାପରେ ୨୦୧୯ର ପୁଲୱାମା ଏବଂ ୨୦୨୫ରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କେମିତି ଭୁଲିଗଲେ । ଭାରତୀୟ ମାଲିକାନାରେ ଥିବା ଫ୍ରାଞ୍ଚାଇଜ ଯଦି ପାକିସ୍ତାନୀ ଖେଳାଳିଙ୍କୁ କିଣେ ଏବଂ



ଟଙ୍କା ଦିଏ ଏହା ପାକିସ୍ତାନ ସରକାର ଟିକସ ପାଇବେ ।ପାକିସ୍ତାନ ସରକାର ଏଭଳି ଟିକସ ପାଉଥିବାବେଳେ ସେ ଏହି ଟଙ୍କାରେ ଗୁଳି ବାରୁଦ କିଣିବା ସହ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନରେ ବିନିଯୋଗ କରିବେ । ଯଦି ପରୋକ୍ଷରେ ଏଭଳି ଟଙ୍କା ପ୍ରଦାନ କରୁଛନ୍ତି ତାହେଲେ ଭାରତୀୟ ସେନାକୁ ଟଙ୍କା ଦିଅନ୍ତୁ । ଭାରତୀୟଙ୍କ ଧନ ପାକିସ୍ତାନ ସରକାରଙ୍କ କାମରେ କାହିଁକି ଲଗାଉଛନ୍ତି । ଏଭଳି ଏକ ଟୁର୍ଣ୍ଣାମେଣ୍ଟ ଜିତିବା କଣ ଏମିତି କରିବେ । ଯେଉଁଥିରେ ଭାରତୀୟ ଖେଳାଳିମାନେ ଖେଳୁ ନାହାନ୍ତି । ଏତେ ଗୁରୁତର ପାକିସ୍ତାନୀ ଖେଳାଳିଙ୍କ କାହିଁକି ସାମିଲ କଲ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ।

ସେପଟେ କାବ୍ୟାଙ୍କ ଘଟଣାରେ ବିସିସିଆଇ ନିଜର ପ୍ରତିକ୍ରିୟା ରଖିସାରିଛି । ବିଦେଶୀ ଲିଗରେ ପାକିସ୍ତାନୀ ଖେଳାଳିଙ୍କୁ କିଣିଲେ ଏଥିରେ ଆମେ କେଣସି ପଦକ୍ଷେପ କରିପାରିବୁ ନାହିଁ । ଆମର ଏଥିରେ କେଣସି କଥା କହିବାର ନାହିଁ । ଏହା ଆମ ଅଧିନରେ ଆସୁନାହିଁ ବୋଲି ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା କହିଛନ୍ତି । ସେପଟେ ଏହି ଲିଗରେ ଅନ୍ୟ ଭାରତୀୟ ଫାଞ୍ଚାଇଜ୍ ଥିଲେ ମଧ୍ୟ କେହି ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ସାମିଲ କରିନାହାନ୍ତି ।

# ଆଇପିଏଲର ସିଡ୍ୟୁଲ ଖୁବଶୀଘ୍ର ଜାରି ହେବ

ମୁମ୍ବାଇ, ୧୬/୩ : ଆଇପିଏଲ୍ ୨୦୨୬ ପ୍ରଥମ ଫେଜର ସିଡ୍ୟୁଲ ଆସିସାରିଛି । ଯାହାର ଆରମ୍ଭ ୨୦ମାର୍ଚ୍ଚର କାର୍ଯ୍ୟକ୍ରମ ଜାରି କରାଯାଇଥିଲା । ଏବେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟର ସିଡ୍ୟୁଲକୁ ନେଇ ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ବଡ଼ ଅପଡେଟ୍ ଦେଇଛନ୍ତି । ଆସନ୍ତୁ ଜାଣିବା ଦ୍ୱିତୀୟ ଫେଜର ସିଡ୍ୟୁଲ କେବେ ଜାରି ହେବ ।

ପ୍ରକାଶ ଯେ, ନିର୍ବାଚନ ଆୟୋଗ ରବିବାର ୫ରାଜ୍ୟରେ ହେବାକୁ ଥିଲା ନିର୍ବାଚନ ତାରିଖର ଘୋଷଣା କରିଦେଇଛନ୍ତି । ନିର୍ବାଚନର ତାରିଖକୁ ଦେଖି ଆଇପିଏଲ ସିଡ୍ୟୁଲ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଜାରି କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଗତ ବୁଧବାର ସିଡ୍ୟୁଲର ପ୍ରଥମ ପର୍ଯ୍ୟାୟର ଘୋଷଣା ହୋଇଥିଲା । ରାଜୀବ ଶୁକ୍ଲା କହିଛନ୍ତି, ନିର୍ବାଚନ ତାରିଖର ଘୋଷଣା ହୋଇସାରିଛି । ଚାରି ସ୍ଥାନରେ ମତଦାନ ଗୋଟିଏ ପର୍ଯ୍ୟାୟରେ ହେବ ଏବଂ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ । ଏବେ ଆଇପିଏଲର ସିଡ୍ୟୁଲ ଖୁବଶୀଘ୍ର ଜାରି ହେବ ।

ଚଳିତ ବର୍ଷର ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ସହ ପ୍ରାୟ ୫ରାଜ୍ୟରେ ନିର୍ବାଚନ ହେବ । ଯେଉଁଥି ପାଇଁ ନିର୍ବାଚନ ଆୟୋଗର ତାରିଖ ଘୋଷଣା କରିଛନ୍ତି । ଏହି ରାଜ୍ୟରେ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡୁଚେରୀ ସାମିଲ ଅଛି । ପ୍ରକାଶ ଯେ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆସାମରେ ଆଇପିଏଲର ମ୍ୟାଚ୍ ଖେଳାଯାଇଥାଏ । ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଅଧିକ ମ୍ୟାଚ୍ ହୋଇଥାଏ । ଯାହାକି ଆସାମରେ କମ୍ ମ୍ୟାଚ୍ ହୋଇଥାଏ । ପଶ୍ଚିମବଙ୍ଗର କୋଲକାତା, ତାମିଲନାଡୁର ଚେନ୍ନାଇ ଏବଂ ଆସାମର ଗୁଆହାଟୀରେ ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚ୍ ହେବ ।

# ଜିଗ୍ନୀପୁର ବିସିଏ କପ୍-୨୦୨୬ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି୧୬।୩: : ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ଖେଳପଡ଼ିଆରେ ବଳଦେବଜୀଉ କ୍ରିକେଟ ଆସୋସିଏସନ ଜିଗ୍ନୀପୁର ଆନୁକୂଲ୍ୟରେ ବିସିଏ କପ୍ - ୨୦୨୬ ଅନୁଷ୍ଠିତ ହୋଇଯାଇଛି । ୧୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମ୍ୟାଚ୍‌ରେ ୨ପର୍ଯ୍ୟାୟରେ ୩୨ଗୋଟି କ୍ରିକେଟ ଟିମ୍ ଭାଗ ନେଇଥିଲେ । ଆଜିର ଉଦ୍‌ଯାପନୀ ମ୍ୟାଚରେ ରାଇଜିଂ ସ୍ପୋର୍ଟ ଗୋତରା କ୍ରିକେଟ୍ ଟିମ୍ କଟିକଟା କ୍ରିକେଟ୍ ଟିମ୍ ହରାଇଥିବା ବେଳେ ବରକୋଳିଆ କ୍ରିକେଟ୍ ଟିମ୍ ମଲ୍ଲିପୁର କ୍ରିକେଟ୍ ଟିମ୍‌କୁ ହରାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ,ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମେଘା ଧାରାବାହିକ ଅଭିନେତ୍ରୀ ଚିକି ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ । ମ୍ୟାଚ୍ ପରିଚାଳନାରେ ରମାକାନ୍ତ ପରିଡ଼ା,ଅଭୟ କୁମାର ସାହୁ,ଜ୍ୟୋତିରଂଜନ ସ୍ୱାଇଁ,ମନୋଜ କୁମାର ଘଡ଼େଇ,ଅଶୋକ ରାଉତ,ନିତ୍ୟାନନ୍ଦ ସ୍ୱାଇଁ,ସୁବାଶିଷ ବେହେରା ପ୍ରମୁଖଙ୍କ ସମେତ ବିସିଏ କ୍ରିକେଟ କ୍ଲବର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ମୁଖ୍ୟଅତିଥି ଶ୍ରୀଯୁକ୍ତ ଜେନାଙ୍କ ସହିତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ,ମନୋଜ ସେଠୀ,ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ,ସମିତିସଭ୍ୟ ପ୍ରଦୋଷ ସାହୁ,ସରପଞ୍ଚ ଜୟଦେବ ରାଉତଙ୍କ ସମେତ ବହୁ ବିଜେଡ଼ି କର୍ମୀମାନେ ଯୋଗ ଦେଇଥିଲେ ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ